aii ea

# ବୀମା କର୍ମଚାରୀ
BIMA KARMACHARI

QUARTERLY JOURNAL OF CDIEA, SDLIEA, BDIEA, BDLIEA & OSGIEA

ତ୍ରୟୋଦଶ ବର୍ଷ | ଦ୍ୱିତୀୟ ସଂଖ୍ୟା | ଏପ୍ରିଲ୍ ୨୦୧୬



**ଉପଦେଷ୍ଟା ମଣ୍ଡଳୀ**

ଗଜେନ୍ଦ୍ର ନାଥ ମହାନ୍ତି
ସତ୍ୟବ୍ରତ ଦତ୍ତଗୁପ୍ତ
ରାଜୀବ ଲୋଚନ ଦାଶ
ନୀଳ ମାଧବ ରଥ
ଚନ୍ଦ୍ର ମୋହନ ହାଇବ୍ରୁ
କୃଷ୍ଣଚନ୍ଦ୍ର ବେହେରା

●

**ସମ୍ପାଦନା ମଣ୍ଡଳୀ**

ମାନଗୋବିନ୍ଦ ବାରିକ
ତ୍ରିନାଥ ଦୋରା
ଅମୂଲ୍ୟ ପ୍ରସାଦ ମେହେର
ସତ୍ୟବ୍ରତ ପଟ୍ଟନାୟକ
ମାନସ ରଞ୍ଜନ ପଟ୍ଟନାୟକ
ରଞ୍ଜିତ୍ ରାଉତ୍

●

**ସଂପାଦକ**

ସନ୍ତୋଷ କୁମାର ମହାପାତ୍ର

●

**ସହ ସଂପାଦକ**

ଅଭୟ କୁମାର ଦାସ

●

**ପରିଚାଳକ**

ଧନେଶ୍ୱର ନାୟକ

●

**ସହକାରୀ ପରିଚାଳକ**

ରବି ନାରାୟଣ ଆଚାର୍ଯ୍ୟ

●

ଯୋଗାଯୋଗ
ସତ୍ୟବ୍ରତ ଦତ୍ତଗୁପ୍ତ
☎: 9437273225


**ଏହି ସଂଖ୍ୟାରେ...**


- ଉଲ୍ଲସିତ ହେବାର କିଛି
- ଟଙ୍କିକିଆ ଚାଉଳ
- ଡକ୍ଟର ଆମ୍ବେଦକର
- ବଜେଟ୍ ୨୦୧୬
- ରାଜପଥରେ
- ଧର୍ମ, ଜାତି ନାମରେ
- ରକ୍ଷକ ଯଦି ଭକ୍ଷକ
- ପଶ୍ଚିମବଙ୍ଗ ବିଧାନ
- ସ୍ୱାଧିନଭାବେ ଚିନ୍ତା


*ସଂପାଦକୀୟ.........................*

## ଉଲ୍ଲସିତ ହେବାର କିଛି କାରଣ ନାହିଁ

ସମ୍ପ୍ରତି ଭାରତର ଆର୍ଥିକ ଅଭିବୃଦ୍ଧି ବିଶ୍ୱରେ ସର୍ବାଧିକ ବୋଲି କୁହାଯାଉଛି । ଭାରତରେ ଆଗାମୀ ଦିନରେ ଅଲୌକିକ ଅଭିବୃଦ୍ଧି ଘଟିବାକୁ ଯାଉଛି ବୋଲି ନୀତି ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗରିଆ କହିଛନ୍ତି । ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ତଥା ବିଭିନ୍ନ ଆନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ଭାରତର ଆର୍ଥିକ ଅଭିବୃଦ୍ଧିକୁ 'ନିରାଶ ଭିତରେ ଆଶାର ଆଲୋକ' ଭାବେ, ଦର୍ଶାଯାଇଛି । ଏହି ସଫଳତା ସମ୍ପର୍କରେ ଯେତେବେଳେ 'ମାର୍କେଟୱାଚ' ନାମକ ବିତ୍ତୀୟ ସମ୍ବାଦ ୱେବ୍‌ସାଇଟ୍ ତରଫରୁ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଡଃ ରଘୁରାମ ରାଜନଙ୍କୁ ପଚରା ଗଲା, ସେ ଏହାକୁ ଅନ୍ଧଦେଶର କଣା ରାଜା' ବୋଲି ମନ୍ତବ୍ୟ ଦେଇଛନ୍ତି । ରାଜନଙ୍କ ଏହି ମନ୍ତବ୍ୟ ପ୍ରଚାର ସର୍ବସ୍ୱ ବିଜେପି ନେତୃତ୍ୱାଧିନ ଏନ୍.ଡ଼ି.ଏ. ସରକାରଙ୍କୁ ଅସୁବିଧାରେ ପକାଇଦେଇଛି, ଏଣୁ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଅନ୍ୟ କେଉଁ ଦେଶରେ ଆର୍ଥିକ ଅଭିବୃଦ୍ଧି ୭.୫% ହୋଇଥିଲେ ଖୁସି ମନାଇଥାନ୍ତେ ବା ଉତ୍ସବ ଭାବେ ପାଳନ କରିଥାନ୍ତେ । ବାସ୍ତବରେ ରାଜନଙ୍କ ମନ୍ତବ୍ୟରେ କୌଣସି ତ୍ରୁଟି ନାହିଁ । ତାଙ୍କ କହିବାର ଅର୍ଥ ହେଉଛି ଯେପରି ଅନ୍ଧମାନଙ୍କ ମଧ୍ୟରେ କ'ଣା ହି ରାଜା ହୋଇଥାଏ ଯଦିଓ କ'ଣା ହି ଦୁର୍ବଳ, ସେହିପରି ବିଶ୍ୱରେ ଓ ଅନ୍ୟ ଦେଶର ଅଭିବୃଦ୍ଧି ନିମ୍ନଗାମୀ ହେବାଯୋଗୁ ଭାରତର ଏହି ଅଭିବୃଦ୍ଧି ଅଧିକ ପରି ଦେଖାଯାଉଛି । କିନ୍ତୁ ବାସ୍ତବରେ ଭାରତକୁ ଅନେକ ପଥ ଯିବାକୁ ବାକି ଅଛି, ଏହି ଅଭିବୃଦ୍ଧି ନେଇ ଉତ୍ସବ ପାଳନ କରିବା ପରିବର୍ତ୍ତେ ବାସ୍ତବବାଦୀ ହେବା ଆବଶ୍ୟକ । ଏକ ନିମ୍ନ ଭିତ୍ତିଉପରେ ଅଧିକ ହାରରେ ବୃଦ୍ଧି ପାଇବା ସହଜ ଯାହା ଭାରତ କ୍ଷେତ୍ରରେ ପ୍ରଯୁଜ୍ୟ । ପୁନଶ୍ଚ ଦେଶ ବା ଦେଶବାସୀ ବା ଅର୍ଥନୀତିର ପ୍ରଗତି ଉନ୍ନତି ତଥା ବିକାଶର ଅନେକ ମାପକାଠି ଥିଲାବେଳେ ଜି.ଡ଼ି.ପି. ବା ଆର୍ଥିକ ଅଭିବୃଦ୍ଧି ଅନ୍ୟତମ । ଆର୍ଥିକ ଅଭିବୃଦ୍ଧି ଅଧିକ ହେଲେ ମଧ୍ୟ ଅନ୍ୟ ସବୁ ଅର୍ଥନୈତିକ, ସାମାଜିକ ସୂଚକାଙ୍କରେ ଭାରତ ବିଶ୍ୱରେ ଅତ୍ୟନ୍ତ ଲଜ୍ଜାକର ପରିସ୍ଥିତିରେ ରହିଛି । ଯେଉଁ ଆର୍ଥିକ ଅଭିବୃଦ୍ଧି କଥା କୁହାଯାଉଛି ତାହା ଧନୀ ଅଧିକ ଧନୀ ହେବା ଯୋଗୁ ହୋଇଛି ଯାହା ବୈଷମ୍ୟ ବୃଦ୍ଧି କରିଛି ।

ଭାରତ ଗତ ଆର୍ଥିକ ବର୍ଷରେ ୭ ଦଶମିକ ୬% ଅଭିବୃଦ୍ଧି ହାସଲ କରିଛି । କିନ୍ତୁ ଏହା ଭାରତ ପାଇଁ ରେକର୍ଡ଼ ନୁହେଁ । ଉପା – ୧ ଶାସନ ଅମଳରେ ଲଗାତର ୩ ବର୍ଷ ଧରି ଭାରତ ୯%ରୁ ଅଧିକ ହାରରେ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିଲା । ପୁନଶ୍ଚ ସମ୍ପ୍ରତି ଯେଉଁ ପଦ୍ଧତିରେ ଆମ ଦେଶରେ ଜିଡ଼ିପି ଆକଳନ କରାଯାଉଛି ତାକୁ ନେଇ ଅନେକ ବଡ଼ ବଡ଼ ଅର୍ଥନୀତିଜ୍ଞ ସନ୍ଦେହ ପ୍ରକାଶ କରିଛନ୍ତି । ଭାରତର ଆର୍ଥିକ ଅଭିବୃଦ୍ଧି ଓ ଅନ୍ୟ ସବୁ ସୂଚକାଙ୍କ ମଧ୍ୟରେ ସାମଞ୍ଜସ୍ୟ ରହୁନାହିଁ । ଭାରତ ଜିଡ଼ିପି ଦୃଷ୍ଟିରୁ ବିଶ୍ୱରେ ୭ମ ସ୍ଥାନରେ ଥିଲାବେଳେ ମୁଣ୍ଡପିଛା ଆୟ ଦୃଷ୍ଟିରୁ ୧୪୧ ସ୍ଥାନରେ ଅତ୍ୟନ୍ତ ନିରାଶଜନକ ଭାବେ ରହିଛି ।

ଅଭିବୃଦ୍ଧି ଅଧିକ ବା କମ୍ ହେଲେ ସାଧାରଣ ଜନତାଙ୍କର କିଛି ଯାଏ ଆସେ ନାହିଁ, ଯଦି ଏହା ସେମାନଙ୍କ ଜୀବନ ଧାରଣର ମାନର ଉନ୍ନତିରେ ପରିପ୍ରକାଶ ନ ହୁଏ । କିନ୍ତୁ ଏହା ଭାରତରେ ସେତେଟା ପ୍ରତିଫଳିତ ହେଉନାହିଁ । ଉଦାହରଣ ସ୍ୱରୂପ ଭାରତରେ ୩୦କୋଟିରୁ ଉର୍ଦ୍ଧ୍ୱ ଲୋକ ଭୟଙ୍କର ଚରମ ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଛନ୍ତି ବୋଲି ମିଳିତ ଜାତିସଂଘ ତରଫରୁ ପ୍ରଶ୍ନ ଉଠାଯାଇଛି । ମିଳିତ ଜାତିସଂଘର ମାନବ ଉନ୍ନୟନ ସୂଚକାଙ୍କ ୨୦୧୫ ଅନୁସାରେ ଭାରତ ଦୟନୀୟଭାବେ ୧୮୮ଟି ଦେଶମଧ୍ୟରୁ ୧୩୦ ସ୍ଥାନରେ ରହିଛି । ଅର୍ଥାତ୍ ୧୨୯ଟି ଦେଶ ତଳେ ଭାରତ ରହିଛି । ସେହିପରି ବିଶ୍ୱଖାଦ୍ୟ ସୂଚକାଙ୍କ ୨୦୧୫ ଅନୁସାରେ ୭୬ଟି ଦେଶ ମଧ୍ୟରେ ଭାରତ ୫୫ ସ୍ଥାନରେ ରହିଛି । ଅର୍ଥାତ୍ କ୍ଷୁଧା ନିବାରଣ କ୍ଷେତ୍ରରେ ଭାରତ ୫୪ଟି ଦେଶ ତଳେ ରହିଛି । ଯଦିଓ ଗତବର୍ଷ ତୁଳନାରେ ଏହା ୬୩ ସ୍ଥାନରୁ ୫୫ ସ୍ଥାନକୁ ଉନ୍ନତି ଘଟିଛି, ତଥାପି କ୍ଷୁଧା, ପୁଷ୍ଟିହୀନତା, ମା' ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଆଜିବି ଏକ ଭୟଙ୍କର ସମସ୍ୟା ଭାବେ ଉଭାହୋଇଛି । ଅନେକ ଭାବୁଥିବେ ଯେ ଅଧିକାଂଶ ଭାରତୀୟ ଗରିବ ହେଲେ ମଧ୍ୟ ଏମାନେ ଶାନ୍ତି ଓ ସୁଖରେ ବାସ କରନ୍ତି । କିନ୍ତୁ ବାସ୍ତବରେ ତାହା ଭୁଲ । ଭାରତୀୟମାନେ କେବଳ ଅସୁଖୀ ନୁହଁନ୍ତି, ଅଶାନ୍ତିରେ ମଧ୍ୟ ଜୀବନ ଯାପନ କରୁଛନ୍ତି । ବିଶ୍ୱ ଖୁସି ସୂଚକାଙ୍କ –୨୦୧୬ ଅନୁସାରେ ୧୫୮ଟି ଦେଶ ମଧ୍ୟରୁ ଭାରତ ୧୧୮ତମ ସ୍ଥାନରେ ରହିଛି । ଗତବର୍ଷଠାରୁ ଆଉ ଏକ ସ୍ଥାନ ତଳକୁ ଖସିଛି । ଏହି ସୂଚକାଙ୍କ ପ୍ରସ୍ତୁତ ବେଳେ ମୁଣ୍ଡପିଛା ଆୟ ହାରାହାରି ଆୟୁ, ସାମାଜିକ ସହାୟତା ଓ ସ୍ୱାଧୀନତାକୁ ବିଚାରକୁ ନିଆଯାଇଥାଏ । ସେହିପରି ବିଶ୍ୱ ଶାନ୍ତି ସୂଚକାଙ୍କ ୨୦୧୫ ଅନୁସାରେ ଶାନ୍ତି ଦୃଷ୍ଟିରୁ ୧୬୨ଟି ଦେଶ ମଧ୍ୟରୁ ଭାରତ ୧୪୩ ସ୍ଥାନରେ ରହିଛି । ଅର୍ଥାତ୍ ୧୪୨ଟି ଦେଶଠାରୁ ଭାରତ ଅଧିକ ଅଶାନ୍ତ । କେବଳ ସେତିକି ନୁହେଁ ଲିଙ୍ଗ ଜନିତ ବୈଷମ୍ୟ ଭାରତରେ ଅଧିକ । ବିଶ୍ୱଅର୍ଥନୈତିକ ମଞ୍ଚର ବିଶ୍ୱଲିଙ୍ଗ ପ୍ରାର୍ଥକ୍ୟ ସୂଚକାଙ୍କ ୨୦୧୫ ଅନୁସାରେ ୧୪୪ଟ ଦେଶ ମଧ୍ୟରୁ ଭାରତ ଅତ୍ୟନ୍ତ ନିମ୍ନରେ ୧୦୮ସ୍ଥାନରେ ରହିଛି । ଅଭିବୃଦ୍ଧି ଦୃଷ୍ଟିରୁ ଭାରତ ଅଗ୍ରଣୀ ହୋଇପାରେ, କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ କେବଳ ବ୍ୟୟ ସାପେକ୍ଷ ହୋଇନି ଏହା ଅଧିକାଂଶଙ୍କ ପାଇଁ ଅପହଞ୍ଚ ହୋଇଛି । ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଅନୁଯାୟୀ କ୍ରମ ବର୍ଦ୍ଧିଷ୍ଣୁ ଚିକିତ୍ସା ଜନିତ ବ୍ୟୟ ଯୋଗୁ ଅଧିକାଂଶ ଗରିବ ଭାରତୀୟ ଋଣ ଗ୍ରସ୍ତ ହୋଇ ପଡୁଛନ୍ତି । ଭାରତର ସ୍ୱାସ୍ଥ୍ୟ ସେବା ବିଶ୍ୱରେ ସର୍ବାଧିକ ଘରୋଇ କ୍ଷେତ୍ରଦ୍ୱାରା ନିୟନ୍ତ୍ରିତ । ଯେତେବେଳେ ନରେନ୍ଦ୍ର ମୋଦି ୨୦ଟ୍ରିଲିୟନର ଡଲାର ଅର୍ଥନୀତିରୁ ସ୍ୱପ୍ନ ଦେଖୁଛନ୍ତି ସେତେବେଳେ ୨୦୨୫ରେ କର୍କଟ ରୋଗୀଙ୍କ ସଂଖ୍ୟା ୫ ଗୁଣୁ ବୃଦ୍ଧିପାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

ଏସବୁ ସତ୍ତ୍ୱେ ଅଭିବୃଦ୍ଧିରେ ଦେଶବାସୀ ଖୁସିହୁଅନ୍ତେ ଯଦି ଏହା ଟିକସବୃଦ୍ଧି ବା ସମ୍ବଳ ସଂଗ୍ରହ ବୃଦ୍ଧିରେ ସହାୟକ ହୁଅନ୍ତା । କାରଣ ଟିକସ ବୃଦ୍ଧିପାଇଲେହିଁ ନିଯୁକ୍ତି ବୃଦ୍ଧି, ଦାରିଦ୍ର୍ୟ ଓ ବୈଷମ୍ୟ ଦୂରୀକରଣ, ଦେଶର ବିକାଶ ପାଇଁ ଅଧିକ ଆର୍ଥିକ ବ୍ୟୟ ବରାଦ ହୋଇପାରନ୍ତା । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଯେ ଜିଡ଼ିପି ଅନୁସାରେ ଟିକସ୍ ଆଦାୟ ହାର ଦୃଷ୍ଟିରୁ ବିଶ୍ୱରେ ନିମ୍ନରେ ଥିବା ଦେଶମଧ୍ୟରୁ ଭାରତ ଅନ୍ୟତମ । ଏଣୁ ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ବିଶ୍ୱରେ ଅନେକ ଦେଶ ତୁଳନାରେ ପଛରେ ରହିଛି । ଏଣୁ ବର୍ତ୍ତମାନର ଅଭିବୃଦ୍ଧିକୁ ନେଇ ଉଲ୍ଲସିତ ହେବାର କୌଣସି ଯଥାର୍ଥତା ନାହିଁ ।

*ଅଭିନନ୍ଦନ ସହ*

ସନ୍ତୋଷ କୁମାର ମହାପାତ୍ର



# ଟଙ୍କିକିଆ ଚାଉଳ ରାଜନୀତି

ଭାରତ ଭୂଷଣ ନାୟକ, ସାଙ୍ଗଠନିକ ସମ୍ପାଦକ ,
**BDLIEA** , ଭୁବନେଶ୍ୱର

ବିଗତ କିଛି ବର୍ଷ ହେଲାଣି ଆମ ସରକାର ଗରିବ ଲୋକମାନଙ୍କୁ ଅତିଶସ୍ତା ଦରରେ ଚାଉଳ ଦେଇ ଆସୁଛନ୍ତି । ଏଇ କାରଣରୁ ଅଭିଯୋଗ ଆସୁଛି ଯେ, ସେମାନେ ଆଉ ଅନ୍ୟର ଜମିକୁ ଚାଷ କରିବାକୁ ଯାଉନାହାନ୍ତି । ଯେଉଁଥିପାଇଁ ଏକର ଏକର ଜମି ପଡ଼ିଆ ପଡୁଛି । ବାସ୍ତବତା ହେଉଛି ଶସ୍ତାରେ ସରକାରଙ୍କ ଚାଉଳ ଯୋଗାଣ କାର୍ଯ୍ୟକ୍ରମକୁ ଚାଷ ନ କରି ବଡ଼ଚାଷୀ ବୋଲାଉଥିବା ଅନେକ ବ୍ୟକ୍ତି ନାପସନ୍ଦ କରନ୍ତି । ଏପରି ବିରୋଧ ସ୍ୱାଭାବିକ୍ । ଯା'ର ଜମି ମୂଲିଆ ଅଭାବରୁ ପଡ଼ିଆ ପଡ଼ିଛି, ନିଜର ବଳ ପାଉନି କଣ୍ଟି ଉପରେ ହାତ ପକାଇବାକୁ – ସେମାନେ ନିଶ୍ଚୟ ନାପସନ୍ଦ କରିବେ । କିନ୍ତୁ ଏଇ କମ୍ ଦାମର ଚାଉଳ ଯୋଗାଣ ଗରିବୀ ହଟେଇ ନ ପାରିଲେ ମଧ୍ୟ ଗାଁର ଧନୀ ଜମିଦାରମାନଙ୍କ ମୁହଁରୁ 'ମୂଲିଆ ଟୋକା' ଶବ୍ଦଟିକୁ ଛଡ଼େଇ ନେଇଛି । ଟିକିଏ ଟିକିଏ କଥାରେ ସେମାନେ ମଜୁରୀ ଖଟୁଥିବା ଲୋକଙ୍କୁ ଯେମିତି କୁଲି, ମୂଲିଆ କହି ବେଜିତ୍ କରୁଥିଲେ ଆଉ କରିପାରୁନାହାନ୍ତି । ଏବେ ଗାଁ ଗହଳରେ ଚାଷ କରିବା ଲୋକଙ୍କର ଯେଉଁ ଅଭାବ ଦେଖା ଦେଇଛି – ତା' କେବଳ ଏଇ ଶସ୍ତା ଚାଉଳ ଯୋଗାଣରୁ ନୁହେଁ । କଥା ହେଉଛି ଗାଁ ଗହଳିର ଯୁଆନ୍ ଟୋକାମାନେ ରାଜ୍ୟ ବାହାରକୁ ଯାଇ ବହୁ କଷ୍ଟ କରି ଭଲ ରୋଜଗାର କରୁଛନ୍ତି । ଗାଁରେ ପଡ଼ି ରହି ମୂଲିଆ ମଜୁରିଆ ଡାକ ଶୁଣିବାକୁ ଆଉ ପସନ୍ଦ କରୁନାହାନ୍ତି, ଯେପରି ସେମାନଙ୍କ ବାପ, ଜେଜେମାନେ ଶୁଣୁଥିଲେ । କଳ କାରଖାନାରେ କାମ କଷ୍ଟହେଉ ପଛେ, ସହରରେ ରହି ଦି ଓଳି ଖାଇବାକୁ ପାଇଲେ, ଖଣ୍ଡେ ପିନ୍ଧିଲେ, ତେଣୁ ଏମାନେ ଚାଷ ଆଡ଼କୁ ଆଉ ମୁହଁ ବୁଲେଇବେ କାହିଁକି ? ଶସ୍ତା ଚାଉଳକୁ ବିରୋଧ କରୁଥିବା ବ୍ୟକ୍ତିମାନେ ପୁଣି ଅଭିଯୋଗ ଆଣୁଛନ୍ତି ଯେ, ସରକାର ଶସ୍ତାରେ ଚାଉଳ ବିକି ଏମାନଙ୍କୁ ଭିକାରୀ ବନେଇଦେଲେଣି । ଏହାର ସିଧା ଅର୍ଥ ହେଉଛି ଭିକାରୀମାନେ ହିଁ ଏପରି କମ୍ ଦାମରେ ଚାଉଳ କିଣୁଛନ୍ତି । ଏହା ଆମ ଦେଶର ଗରିବଙ୍କ ପ୍ରତି ନିଶ୍ଚୟ ଏକ ଅପମାନଜନକ ମନ୍ତବ୍ୟ । ପ୍ରସଙ୍ଗ କ୍ରମେ ଏଠି ବିଚାର କରାଯାଇପାରେ ଯେଉଁମାନେ ରିହାତିରେ ବର୍ଷ ବର୍ଷ ଧରି ପେଟ୍ରୋଲ୍, ଡିଜେଲ୍, ରୋଷେଇ ଗ୍ୟାସ ଇତ୍ୟାଦି ରିହାତି ଦରରେ ପାଇ ଆସୁଛନ୍ତି ତେବେ ସେମାନେ କ'ଣ ?

ମୂଲିଆମାନେ ଶସ୍ତାରେ ଯେ ଚାଉଳ ପାଇବାରୁ ଆଗପରି ଆଉ ଜମି ମାଲିକଙ୍କ ଜମିରେ ଖଟିଲେନି – ଏହା ଶତକଡ଼ା ଶହେଭାଗ ସତ ନୁହେଁ । ସତ ହେଉଛି ସରକାରଙ୍କ ଚାଷୀ ଆଉ ଚାଷ ସମସ୍ୟା ପ୍ରତି ଥିବା ଉଦାସୀନ ମନୋଭାବ । ଲୋକମାନେ ଚାଷ କରି ବେଳକୁ ବେଳ ଗରିବ ହୋଇ ଚାଲିଛନ୍ତି । ଚାଷକୁ ଆଦରି ଗାଁରେ ମାଟିକାମୁଡ଼ି ପଡ଼ିଥିବା ଚାଷୀ ଓ ମଜୁରିଆମାନଙ୍କର ଏକା ଦଶା । ଚାଷୀର ଉତ୍ପାଦ ବିକ୍ରି ହୋଇ ନ ପାରି ସଡୁଥିବା ବେଳେ କେନ୍ଦ୍ର ସରକାର ବିଦେଶରୁ ଗହମ ଆଦି ବିଭିନ୍ନ ଦ୍ରବ୍ୟ ମହଙ୍ଗା ଦରରେ କିଣୁଛନ୍ତି । ଏହା ଫଳରେ ଋଣକରି ଚାଷରେ ଲଗାଇଥିବା ମୂଳଧନ ଚାଷୀ ପାଇପାରୁ ନାହିଁ । ଋଣ ଖିଲାପୀ କପାଚାଷୀ, ଗହମ ଚାଷୀ, ଧାନଚାଷୀ ଆଜି ଆତ୍ମହତ୍ୟା ପ୍ରବଣ ହୋଇଉଠିଛନ୍ତି । ଏ ନୈତିକ ଦାୟିତ୍ୱ କୌଣସି ସରକାର ନିଜ ଉପରକୁ ନେବା ପାଇଁ ପ୍ରସ୍ତୁତ ନୁହେଁ । ଅଭାବୀ ବିକ୍ରି ସମୟରେ ଚାଷୀମାନେ ବେପାରୀଙ୍କ ଦୟାରେ ବଞ୍ଚୁଛନ୍ତି । ସେମାନଙ୍କ ଠକେଇର ଶିକାର ହେଉଛନ୍ତି । ଚାଷୀର ଏ ଅବସ୍ଥାରେ ସରକାର ସେମାନଙ୍କ ନିକଟରେ ପହଞ୍ଚୁନି । ସେଇପରି ଧୋଇ, ମରୁଡ଼ି ବେଳେ କେହିନାହିଁ ତା ପିଠିରେ ପଡ଼ିବାକୁ । ଚାଷୀ ନିଜ ରିସ୍କରେ ଚାଷ କରୁଛି । ବନ୍ୟାରେ ଧୋଇଗଲେ ସେ ଦାୟୀ, ମରୁଡ଼ିରେ ଜଳିଗଲେ ସେ ଦାୟୀ, ପବନ–ବାତ୍ୟାରେ ଅଗାଡ଼ି ହୋଇଗଲେ ସେ ଦାୟୀ । ଏ ପରିସ୍ଥିତିରେ କାହିଁକି ବା ସେ ଚାଷକୁ ଜାବୁଡ଼ି ବସିବ ? ପ୍ରତିବର୍ଷ ଚାଷୀମାନେ କିଛିନା କିଛି ପ୍ରାକୃତିକ କ୍ଷୟକ୍ଷତିକୁ ସାମନା କରି ଚାଲିଛନ୍ତି । ଏ ସ୍ଥିତିରେ ଜମିରେ କାମ କରୁଥିବା ମଜୁରିଆମାନଙ୍କୁ ସେମାନଙ୍କ ହକ୍ ମୁତାବକ ମଜୁରୀ ଦେଇପାରୁ ନାହାନ୍ତି । ବିହନ, ପାଣି, ସାର ଓ ମଜୁରୀ ଦେଇସାରିବା ପରେ ଆଉ ବଳୁଛି କ'ଣ ଯେ, ଚାଷୀମାନେ ଚାଷପ୍ରତି ଆଗ୍ରହ ଦେଖାଇବେ ? ଆଉ ଏକ ପଶ୍ନ ଉଠୁଛି, ଏଇ ଚାଷୀ, ମଜୁରିଆଙ୍କ ପ୍ରତି ସମାଜର ନଜର କ'ଣ ? ସତକଥା ସମାଜ ଏମାନଙ୍କୁ ଯଥୋଚିତ ସମ୍ମାନ ଦିଏନା । ବିଶ୍ୱର ସମାଜବାଦୀ ରାଷ୍ଟ୍ର ଗୁଡ଼ିକରେ ଶ୍ରମିକ, କୃଷକମାନଙ୍କୁ ଯେତିକି ସମ୍ମାନ ମିଳେ, ଆମ ଦେଶରେ ଏହାର କାଣିଚାଏ ବି ମିଳେନା । ଏଠି ଡାକ୍ତର, ଇଂଜିନିଅର, ସରକାରୀ ବାବୁ, କଳାକାର, ସାହିତ୍ୟିକ ଆଦି ମାନଙ୍କୁ ଉପାଧି, ସମ୍ମାନ, ସମ୍ବର୍ଦ୍ଧନା, ଉପଢ଼ୌକନ ଆଦି ସବୁମିଳେ, କିନ୍ତୁ ଚାଷୀ, ମଜୁରୀଆଙ୍କୁ କିଛି ମିଳେନା । ତାଙ୍କ ଉପରେ କାହାର ନଜର ପଡ଼େନା । ମନ୍ତ୍ରୀଙ୍କ ଛିଙ୍କ ହେଲେ, ଖବର କାଗଜରେ ଛପାଯାଏ, କିନ୍ତୁ ଚାଷୀ ଖବର କେହି ରଖନ୍ତିନି । ଚାଷୀ କ'ଣ 'ଜୟ ଜବାନ – ଜୟ କିଷାନ' ସ୍ଲୋଗାନ୍ ଶୁଣି ଆନନ୍ଦରେ ଚାଷର ମନଦେବ ନା' ଚାଷ ଅଛି ଯାହାର – କି ଆନନ୍ଦ ତାହାର' ଗୀତ ଶୁଣି ଉତ୍ସାହିତ ହୋଇ ଚାଷରେ ମାତିବ ? ମାଟି ଖୋଳୁଥିବା ଲୋକମାନଙ୍କୁ ଆମେ 'କୁଲି' ବୋଲି ସମ୍ବୋଧନ କରୁ । ଆର୍ଥିକ ଦୃଷ୍ଟିରୁ ଏମାନେ ଭାରୀ ଦୁର୍ବଳ । ବର୍ଷ ତମାମ ଏମାନେ ନାହିଁ ନଥିବା ଦୁଃଖ ଭୋଗନ୍ତି । ଜଣ, ଜଣଙ୍କର ଚାରିଦିନରେ ବି ଦିନେ ଚୂଲି ଜଳେନି । ଏମାନେ ବର୍ଷକର ଅଧିକାଂଶ ଦିନ ସୁଆଁ ଆଉ ମାଣ୍ଡିଆ ଜାଉ କରି ଖାଆନ୍ତି । ଦେହ ଏମାନଙ୍କର ଫୁଙ୍ଗୁଳା । ଏମାନେ କୁଣିଆ, ମଇତ୍ର, ବନ୍ଧୁ ବାନ୍ଧବଙ୍କ ଘରକୁ ଗଲାବେଳେ ପେଡ଼ିପେଟେରୀରେ ସାଇତା ହୋଇ ରହିଥିବା ଲୋଚାକୋଚା ଧୋତି ଆଉ ସାର୍ଟ ପିନ୍ଧି ଯାଆନ୍ତି । କେବେ କେବେ ଏମାନଙ୍କ ସ୍ତ୍ରୀମାନେ ପଡ଼ିଶା ଘରୁ ଲୁଗା ମାଗିକରି ପିନ୍ଧି ବନ୍ଧୁ ଘରକୁ ଯାଆନ୍ତି । ମାଇଲ ମାଇଲ ବାଟ ଏମାନେ ଖୋଲା ପାଦରେ ଯିବା ଆସିବା କରନ୍ତି । ଏମାନେ ବର୍ଷା ଚାରିମାସକ ଭାରି ହଇରାଣ ହରକତ୍ ହୁଅନ୍ତି । କୌଣସି କାର୍ଯ୍ୟପାଇଁ ଦରକାର ପଡ଼ିଲେ ଏମାନଙ୍କ ଘରୁ ଶହେ ଟଙ୍କା ବି ବାହାରେନି । ସବୁବେଳେ ହାତ ଉଧାରୀ ଉପରେ ଏମାନେ ନିର୍ଭର କରନ୍ତି । ତେଣୁ ଟଙ୍କିକିଆ ଚାଉଳ ଏମାନଙ୍କ ପାଇଁ କେତେ ଜରୁରୀ ଏହା ବିଚାର ଯୋଗ୍ୟ ।

ଦେଶକୁ ଶସ୍ୟ ଶ୍ୟାମଳା କରିବାକୁ ହେଲେ ଚାଷୀର ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଦରକାର । ଚାଷୀକୁ ଶସ୍ତାଦରରେ ସାର, ବିହନ, ପାଣି, ବିଜୁଳି ଯୋଗାଇଦେବା ସହିତ ସବ୍‌ସିଡ଼ି ଦରରେ ମେସିନ୍ ଯୋଗାଇବା ଦରକାର । ଚାଷରୁ ଉତ୍‌ପାଦିତ ଫସଲର ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ସହିତ ବଜାର ସୃଷ୍ଟି କରିବା ଦାୟିତ୍ୱ ସରକାରଙ୍କର, ଯାହା ଚାଷୀକୁ ଉପଯୁକ୍ତ ମୂଲ୍ୟ ଦେଇପାରିବ । କମ୍ ସୁଧରେ କୃଷିଋଣ ଯୋଗାଇବା ସହ ଶସ୍ୟ ବୀମା ବ୍ୟବସ୍ଥା ଦେବା ଦରକାର । ଅଗ୍ରାଧିକାର ଭିତ୍ତିରେ ଚାଷଭିତ୍ତିକ କଳକାରଖାନା ପ୍ରତିଷ୍ଠା କରାଇବା ଜରୁରୀ । ଏସବୁ ନ କରି ଚାଷର ଅବନତି ପାଇଁ ଟଙ୍କିକିଆ ଚାଉଳ ଉପରେ ଦୋଷ ଲଦିଦେଲେ ଚଳିବନି । ❖ ❖ ❖



# ଡକ୍ଟର ଆମ୍ବେଦକର ଏବଂ ଭାରତର ସମ୍ବିଧାନର ରଚନା

ଶ୍ରୀକାନ୍ତ ମିଶ୍ର
ସାଧାରଣ ସମ୍ପାଦକ, ପୂର୍ବ କେନ୍ଦ୍ରାଞ୍ଚଳ ବୀମା କର୍ମଚାରୀ ସଂଘ, ପାଟନା

ଫରାସୀ ଲେଖକ ଆଣ୍ଡେ ମାରଲକ୍ସ ଜବାହାରଲାଲ ନେହେରୁଙ୍କୁ ଥରେ ପ୍ରଶ୍ନ କରିଥିଲେ – ଯେ ସ୍ୱାଧିନତା ପରେ ତାଙ୍କ ପାଇଁ ସବୁଠାରୁ ବଡ଼ ଅସୁବିଧା କଣ ? ନେହେରୁଙ୍କର ଉତ୍ତର ଥିଲା – ସଠିକ୍ (ନ୍ୟାୟ) ବାଟରେ ସଠିକ୍ ରାଷ୍ଟ୍ରଗଠନ । ସେହିପରି ବାଟରେ ସେହିପରି ଏକ ରାଷ୍ଟ୍ର ଗଠନ କରିବା ପାଇଁ ଆମ ଦେଶର ସମ୍ବିଧାନ ହେଉଛି – ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର । ଏହିପରି ଏକ ସମ୍ବିଧାନ ପ୍ରଣୟନ କରିବାରେ ଯଦି କାହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ପଚରାଯାଏ ତେବେ ତାର ଉତ୍ତର ନିଶ୍ଚିତ ଭାବେ ହେବ – ସେ ହେଉଛନ୍ତି ଡକ୍ଟର ବି. ଆର. ଆମ୍ବେଦକର । ଏହି ସମ୍ବିଧାନ ସହିତ ଆମ୍ବେଦକରଙ୍କର ସମ୍ପର୍କ ଏବଂ ସେଥିପାଇଁ ତାଙ୍କର ଅବଦାନ କ'ଣ ତାହା ତାଙ୍କର ପ୍ରତିମାଗୁଡ଼ିକୁ ଭଲ ଭାବେ ଦେଖିଲେ ସହଜରେ ବୁଝି ହେବ । ତାଙ୍କର ଡାହାଣ ହାତର ବିଶି ଆଙ୍ଗୁଠି ଟେକି ହୋଇ ରହିଛି ଏବଂ ବାମ ହାତରେ ରହିଛି – ସମ୍ବିଧାନ ପୁସ୍ତିକା । ସମ୍ବିଧାନ ପ୍ରଣୟନ କରିବାରେ ତାଙ୍କର ଭୂମିକା କ'ଣ ଥିଲା ଏଠାରେ ତାର ପୁଙ୍ଖାନୁପୁଙ୍ଖ ଆଲୋଚନା ସମ୍ଭବ ନ ହେଲେ ବି ଅତି ନିମ୍ନ ସ୍ତରରେ ଥିବା ଦେଶବାସୀ ପାଇଁ ତାଙ୍କର ହୃଦୟ କିପରି ବିଦାରିତ ହେଉଥିଲା ସେ ପ୍ରସ୍ତୁତ କରିଥିବା ସମ୍ବିଧାନରେ ତାହା ଛତ୍ରେ ଛତ୍ରେ ପ୍ରତିଫଳତ ହୋଇଛି ।

୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ସେହି ସମ୍ବିଧାନର ରୂପରେଖ କ'ଣ ହେବ ସେହି ପ୍ରକ୍ରିୟା ତାର ଅନେକ ଦଶନ୍ଧି ଆଗରୁ ଆରମ୍ଭ ହୋଇଥିଲା । ଦେଶର ସ୍ୱାଧିନତା ସଂଗ୍ରାମ ମଧ୍ୟ ଦେଇ ସେହି ସମ୍ବିଧାନର ଅଙ୍କୁରୋଦ୍‌ଗମ ହୋଇଥିଲା । ସ୍ୱାଧୀନତା ଥିଲା ଶତାବ୍ଦୀ ଶତାବ୍ଦୀ ଧରି ଫିରିଙ୍ଗି ଶାସନ ଶୋଷଣରୁ ମୁକ୍ତି ଏବଂ ଭବିଷ୍ୟତରେ ଯେପରି କୌଣସି ଶୋଷଣ ଆଉ ରହିବ ନାହିଁ ସେଥିପାଇଁ ସମ୍ବିଧାନ ଥିଲା ଏହାର ବ୍ୟାକରଣ । ସେପରି ସମ୍ବିଧାନ ରଚନା କରିବା କାଠିକର ପାଠ ଥିଲା । ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନେତୃତ୍ୱରେ କଂଗ୍ରେସ ପାର୍ଟି ସେହି ଦାୟିତ୍ୱ ଡକ୍ଟର ବି. ଆର. ଆମ୍ବେଦକରଙ୍କ ହାତରେ ଅର୍ପଣ କରିଥିଲେ ଯିଏ କି ଗାନ୍ଧୀଙ୍କର ପ୍ରଚଣ୍ଡ ସମାଲୋଚକ ଥିଲେ । ଆମ୍ବେଦକର ଅନୁଭବ କରିଥିଲେ ଯେ ଜାତିପ୍ରଥା ଜରିଆରେ ଯେଉଁମାନେ ଶତାବ୍ଦୀ ଶତାବ୍ଦୀ ଧରି ଆନୁଷ୍ଠାନିକ ବୈଷମ୍ୟରେ ସଢ଼ି ସଢ଼ି ଆସିଛନ୍ତି ସେମାନଙ୍କ ପାଇଁ ରାଜନୈତିକ ସ୍ୱାଧୀନତା ସୁନିଶ୍ଚିତ କରିବା ଭଳି ବ୍ୟବସ୍ଥାମାନ ଦେଶର ସମ୍ବିଧାନରେ ସ୍ଥାନ ପାଇବା ଉଚିତ୍ । ସାମାଜିକ ଶୋଷଣର ଶିକାର ହୋଇଥିବା ଜନଗଣଙ୍କ ଅବସ୍ଥା ବୁଝାଇବାକୁ ଯାଇ ବିଶ୍ୱବିଖ୍ୟାତ ଇଂରାଜୀ କବି ପି.ବି. ସେଲିଙ୍କ ନିମ୍ନୋକ୍ତ ପଙ୍କ୍ତିକୁ ଅନେକ ସମୟରେ ଉଦ୍ଧାର କରୁଥିଲେ –

**''Pale for the weariness of climbing heaven and gazing on earth; wandering companionless among the stare : That have a different path''**

ଡକ୍ଟର ଆମ୍ବେଦକର କେବଳ ଜଣେ ବିଦ୍ୱାନ ଓ ଖ୍ୟାତନାମା ଆଇନଜ୍ଞ ନ ଥିଲେ । ଛୁଆଁ–ଅଛୁଆଁ ଭେଦଭାବ ଜାତିପ୍ରଥା ପରି ସାମାଜିକ ବ୍ୟାଧି ବିରୋଧରେ ଆଜୀବନ ଲଢ଼େଇ କରି ସେ ସେହି ସମୟର ବିପ୍ଳବୀ ପଦବାଚ୍ୟ ହୋଇଯାଇଥିଲେ । ତାଙ୍କ ମତରେ ଏକ ଆଦର୍ଶ ସମାଜ କିପରି ହେବା ଉଚିତ୍ ତାହା ବର୍ଣ୍ଣନା କରିବାକୁ ଯାଇ ସେ କହୁଥିଲେ –

**''My ideal would be a society based on liberty, equity and fraternity.''** (ମୋ ମତରେ ସ୍ୱାଧିନତା, ସାମ୍ୟ ଏବଂ ଭ୍ରାତୃତ୍ୱ ଉପରେ ଆଧାରିତ ସମାଜ ହିଁ ଏକ ଆଦର୍ଶ ସମାଜ ବ୍ୟବସ୍ଥା ହେବ ।) ସମ୍ବିଧାନ ପ୍ରଣୟନ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଏବଂ ତାଙ୍କର (ଉପର ବର୍ଣ୍ଣିତ) ଆଦର୍ଶ ଅନୁସାରେ ସମାଜ ଗଠନ ପାଇଁ ଆବଶ୍ୟକ ପ୍ରାବଧାନ ଗୁଡ଼ିକୁ ସମ୍ବିଧାନରେ ସ୍ଥାନିତ କରିବାକୁ ଚେଷ୍ଟା କରିଥିଲେ ।

ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ବିଧାନର ମୂଳ ଆଧାର କରିବାରେ ତାଙ୍କର ସବୁଠାରୁ ବଡ଼ ଅବଦାନ ରହିଥିଲା । ୧୯୩୫ରେ ଭାରତ ସରକାର ଆଇନ (ସ୍ୱାଧୀନତା ପୂର୍ବରୁ) ପ୍ରଣୟନ ହେଲାବେଳୁ ସେ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଯୁକ୍ତି କରି ଆସିଥିଲେ । ୧୯୫୦ରେ ସମ୍ବିଧାନ ଗୃହୀତ ହେଲାବେଳେ ଯେଉଁମାନେ ଯୁକ୍ତି କରୁଥିଲେ ସେ ଭାରତ ଇଂଲଣ୍ଡର ସମ୍ବିଧାନକୁ ଅନୁସରଣ କରି ସେପରି ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଗ୍ରହଣ କରିଛି ସେମାନେ ଭୁଲ । କାରଣ ଦେଶର ସ୍ୱାଧୀନତା ସଂଗ୍ରାମ ଭିତରେ ହିଁ ଗଣତାନ୍ତ୍ରିକ ମୂଲ୍ୟବୋଧ ଜନଗଣଙ୍କର ମାନସିକତାକୁ ପ୍ରଭାବିତ କରିଥିଲା। ଗଣତନ୍ତ୍ର ପ୍ରତି ଅନୁରକ୍ତି ତତ୍‌କାଳୀନ ଔପନିବେଶିକ ଶାସକଙ୍କୁ ଦିଆଯାଇଥିବା ସ୍ମାରକପତ୍ର ଦେଇ କେବଳ ପ୍ରତିଫଳିତ ହେଉ ନ ଥିଲା । ବ୍ରିଟିଶ୍ ବିରୋଧୀ ଆନ୍ଦୋଳନରେ ଅଗଣିତ ଜନଗଣଙ୍କ ଅଂଶ ଗ୍ରହଣ ଭିତରେ ଦେଇ ବି ତାହା ପ୍ରତିଫଳିତ ହେଉଥିଲା । ଡକ୍ଟର ଆମ୍ବେଦକର ତାହା ହୃଦୟଙ୍ଗମ କରିଥିଲେ । ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଜରିଆରେ ହିଁ ସାମାଜିକ ଗଣତନ୍ତ୍ର ଭିତ୍ତିକ ସମ୍ମୁଜ୍ଜଳ ସମାଜ (ଇଗାଲିଟାରିୟନ ସୋସାଇଟି) ସମ୍ଭବ ହେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା । ସେ ସମ୍ବିଧାନର ଖସଡ଼ା ପ୍ରସ୍ତୁତ କରିବା ପାଇଁ ଗଠିତ କମିଟିର ଚେୟାରମ୍ୟାନ୍ ଭାବେ ନିଯୁକ୍ତି ପାଇବା ପୂର୍ବରୁ ସମ୍ବିଧାନ ପ୍ରଣୟନକାରୀ ଆସେମ୍ବ୍ଲିକୁ ୧୯୪୭ରେ ଏକ ସ୍ମାରକପତ୍ର ଦେଇଥିଲେ ଏବଂ ସେହି ସ୍ମାରକପତ୍ରରେ ସେ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ । ଦେଶର ଜନଗଣଙ୍କର ଗଣତାନ୍ତ୍ରିକ ଆଶା ଆକାଂକ୍ଷା ଏବଂ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଉପାଦେୟତାର ସବୁଠାରୁ ଶକ୍ତିଶାଳୀ ପ୍ରତିଫଳନ ହୋଇଛି ସମ୍ବିଧାନର ମୁଖବନ୍ଧ (ପ୍ରିଏମ୍ବଲ) –''We the people of India'' (ଆମେ ଭାରତର ଜନଗଣ) ।

ଡକ୍ଟର ଆମ୍ବେଦକର ଉପଲବ୍ଧି କରିଥିଲେ ସମ୍ବିଧାନର ଗ୍ୟାରେଣ୍ଟି ବିନା ଦେଶର ଗରିବ ଜନଗଣଙ୍କ ପାଇଁ ବିଶେଷତଃ ଅଛୁଆଁଙ୍କ ପାଇଁ ସ୍ୱାଧୀନତାର କୌଣସି ମୂଲ୍ୟ ରହିବ ନାହିଁ । ତେଣୁ ସେ ମୌଳିକ ଅଧିକାରର ଚମ୍ପିୟନ୍ ଥିଲେ । ସମ୍ବିଧାନର ତୃତୀୟ ଅନୁଚ୍ଛେଦରେ ଦେଶର ଜନଗଣଙ୍କ ପାଇଁ ରାଷ୍ଟ୍ର ବିରୋଧରେ ମୌଳିକ ଅଧିକାର ଗ୍ୟାରେଣ୍ଟି ରହିଛି । ସମ୍ବିଧାନର ସେହି ମୌଳିକ ଅଧିକାର ଅଧ୍ୟାୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସର୍ବପ୍ରଥମ ଧାରା ହେଉଛି – ସମାନତାର ଅଧିକାର– ଆଇନ ଆଗରେ ସମସ୍ତେ ସମାନ ଏବଂ ଆଇନର ସୁରକ୍ଷା ସମସ୍ତଙ୍କୁ ସମାନ ଭାବେ ମିଳିବ (ଆର୍ଟିକଲ୍ ୧୪) । ଡକ୍ଟର ଆମ୍ବେଦକର ବୁଝିଥିଲେ ଯେ ମୌଳିକ ଅଧିକାର ସେତିକି ବେଳେ ଅର୍ଥପୂର୍ଣ୍ଣ ହେବ ସେତେବେଳେ ଜାତି, ଧର୍ମ, ଲିଙ୍ଗ ଏବଂ ଜନ୍ମଗତ ବାଛବିଚାର ଦେଶରେ କିଛି ରହିବ ନାହିଁ । ତେଣୁ ସମ୍ବିଧାନର ୧୫ଶ ଧାରା ପାଇଁ ସେ ଆପ୍ରାଣ ଚେଷ୍ଟା କରିଥିଲେ ଯେଉଁ ଧାରାରେ ଉପରୋକ୍ତ ବାଛବିଚାରକୁ ନିଷିଦ୍ଧ କରାଯାଇଛି । ୧୭ଶ ଧାରାରେ ଛୁଆଁ–ଅଛୁଆଁ ଭେଦଭାବକୁ ନିଷିଦ୍ଧ କରାଯାଇଛି ଯାହା ଡକ୍ଟର ଆମ୍ବେଦକରଙ୍କ ସାମାଜିକ ନିପୀଡ଼ିତଙ୍କ ପ୍ରତି ଅଙ୍ଗୀକାରବଦ୍ଧତା ଥିଲା । ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଲେ ଅଦାଲତର ଆଶ୍ରୟ ନିଆଯିବାର ବ୍ୟବସ୍ଥା ଆମ୍ବେଦକରଙ୍କର ଉଦ୍ୟମ ଯୋଗୁଁ ହିଁ ସମ୍ଭବ ହୋଇଛି । ମୌଳିକ ଅଧିକାର ସାବ୍ୟସ୍ତ କରିବା ପାଇଁ ସୁପ୍ରିମ୍‌କୋର୍ଟକୁ ଯିବାର

ଅଧିକାର ସମ୍ବିଧାନର ୩୨ ନମ୍ବର ଧାରାରେ ରହିଛି ଯାହା ମଧ୍ୟ ଏକ ମୌଳିକ ଅଧିକାର । ସେହି ଧାରାରେ ସୁପ୍ରିମକୋର୍ଟ ମୌଳିକ ଅଧିକାର ରକ୍ଷା କରିବା ପାଇଁ ରାଷ୍ଟ୍ରକୁ ନିର୍ଦ୍ଦେଶ ଦେଇପାରିବେ । ଡକ୍ଟର ଆମ୍ବେଦକର ସେହି ୩୨ନଂ ଧାରାକୁ ସମ୍ବିଧାନର ହୃତପିଣ୍ଡ ଓ ଆତ୍ମା ବୋଲି କହୁଥିଲେ । ଆମ୍ବେଦକର ଅଛୁଆଁ ଓ ସାମାଜିକ ନିପୀଡ଼ିତଙ୍କ ପାଇଁ କିପରି ଭାବୁଥିଲେ ଗାନ୍ଧିଜୀଙ୍କ ସହିତ ତାଙ୍କର ପ୍ରଥମ ସାକ୍ଷାତରେ ତାହା ପ୍ରତିଫଳିତ ହୋଇଥିଲା । ୧୯୩୧ରେ ସେ ପ୍ରଥମେ ଗାନ୍ଧିଜୀଙ୍କୁ ଭେଟିଥିଲେ । ସ୍ୱରାଜ ପାଇଁ କଂଗ୍ରେସ ଯେଉଁ ଉଦ୍ୟମ କରୁଥିଲା ତାକୁ ସେ ତୀବ୍ର ସମାଲୋଚନା କାହିଁକି କରୁଛନ୍ତି ବୋଲି ଗାନ୍ଧିଜୀ ତାଙ୍କୁ (୧୯୩୯) ସେହି ସାକ୍ଷାତକାରରେ ପ୍ରଶ୍ନ କରିଥିଲେ । ଆମ୍ବେଦକର ଉତ୍ତର ଦେଇଥିଲେ – ''**Gandhiji I have no homeland. No untouchable will be proud of this land**'' ଗାନ୍ଧିଜୀ ମୋର ସ୍ୱରାଜ୍ୟ କିଛି ନାହିଁ – କୌଣସି ଅଛୁଆଁ ଲୋକ ସେପରି ସ୍ୱରାଜ୍ୟ ପାଇଁ ଗର୍ବିତ ହେବ ନାହିଁ । ଆମ ଦେଶର ଜାତିପ୍ରଥା କିପରି ତାଙ୍କୁ ବ୍ୟଥିତ କରୁଥିଲା ତାହା ତାଙ୍କର ଏହି କଥାରେ ପ୍ରତିଫଳିତ ହୋଇଥିଲା । ଅଛୁଆଁମାନଙ୍କୁ ଜାତିପ୍ରଥାର ପନ୍ଝାରୁ ଉଦ୍ଧାର କରିବା ପାଇଁ ସେ ଜୀବନ ତମାମ ଉଦ୍ୟମ କରିଥିଲେ । ତେଣୁ ଦେଶର ସମ୍ବିଧାନ ପାଇଁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ପଜିଟିଭ୍ ଡିସକ୍ରିମିନେସନ ବା ସଂରକ୍ଷଣ । ସମ୍ବିଧାନର ତୃତୀୟ ପରିଚ୍ଛେଦର କିଛି ବ୍ୟବସ୍ଥା ଏବଂ ଚତୁର୍ଥ ପରିଚ୍ଛେଦରେ ଅନେକ ଗୁଡ଼ିଏ ବ୍ୟବସ୍ଥା ଦଳିତ, ଆଦିବାସୀ ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କ ଅବସ୍ଥାର ପରିବର୍ତ୍ତନ ପାଇଁ (ଉନ୍ନତି ପାଇଁ) ଉଦ୍ଦିଷ୍ଟ ରହିଛି । ଦେଶର ସମ୍ବିଧାନରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ୧୦ ବର୍ଷ ପାଇଁ ରହିବ ବୋଲି ସମ୍ବିଧାନରେ ଘୋଷଣା କରାଯାଇଥିଲା । ଆମ୍ବେଦକର ଭଲ ଭାବେ ଜାଣିଥିଲେ ଯେ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଏପରି ସାମ୍ବିଧାନିକ ସୁରକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ସେମାନଙ୍କର ଆର୍ଥିକ ଅବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ବିନା ଛୁଆଁ–ଅଛୁଆଁ ଭେଦଭାବ ଏବଂ ଜାତିପ୍ରଥାର ଅବସାନ ଆମ ଦେଶରେ ଘଟିବ ନାହିଁ । ସମ୍ବିଧାନରେ ଉପରୋକ୍ତ ସୁରକ୍ଷା ଥିଲେ ବି ସେହି ନିର୍ଯ୍ୟାତିତମାନଙ୍କୁ କଠିନ ସଂଗ୍ରାମ କରିବାକୁ ହିଁ ପଡ଼ିବ । ସେ କହୁଥିଲେ – ''**You cannot hope to secure your lost rights by begging to conscience of the usurpers. They have to be secured through hard struggle. Goats are used as sacrificial offerings, not lion.**'' (ଯେଉଁମାନେ ତୁମର ଅଧିକାରକୁ ଛଡ଼ାଇ ନେଇଛନ୍ତି ସେମାନଙ୍କର ବିବେକକୁ ନିବେଦନ କରି ତୁମେ କେବେ ହେଲେ ତୁମର ସେହି ଅଧିକାରକୁ ଫେରି ପାଇ ପାରିବ ନାହିଁ । କଠିନ ସଂଗ୍ରାମ ଜରିଆରେ ତାକୁ ଅଣା ଯାଇପାରିବ । ଛେଳିକୁ ବଳି ଦିଆଯାଇଥାଏ, ସିଂହକୁ ନୁହେଁ ।)

ଆଜି ଯେତେବେଳେ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣ ବଢ଼ି ବଢ଼ି ଯାଉଛି ଏବଂ ସେମାନଙ୍କ ବିରୋଧରେ କୁତ୍ସା ପ୍ରଚାର କରାଯାଉଛି – ସେତେବେଳେ ସେମାନଙ୍କର ସମ୍ପୂର୍ଣ୍ଣ ଅଧିକାର ପାଇଁ ଆମ୍ବେଦକର କିପରି ଓକିଲାତି କରୁଥିଲେ ତାହା ଜାଣିଲେ ଖୁସି ଲାଗିବ । ସମ୍ବିଧାନ ପ୍ରଣୟନ ସଭାର ଅନ୍ୟତମ ସଦସ୍ୟ କେ.ଏମ. ମୁନ୍‌ସୀଙ୍କର ପ୍ରସ୍ତାବ ଥିଲା ରାଷ୍ଟ୍ରର ଶିକ୍ଷାନୁଷ୍ଠାନମାନଙ୍କରେ ନାଁ ଲେଖାଇଲାବେଳେ ସଂଖ୍ୟାଲଘୁମାନଙ୍କ ପ୍ରତି ହେଉଥିବା ବାଛବିଚାର ବିରୋଧୀ ଧାରା ଏବଂ ସେମାନଙ୍କୁ ଧର୍ମୀୟ ଶିକ୍ଷା ଦେବାର ବ୍ୟବସ୍ଥାକୁ ନିଷେଧ କରିବା କଥାର ବିଚାର କରିବା ପାଇଁ ଏକ ସ୍ୱତନ୍ତ୍ର କମିଟିକୁ ତାହା ପଠାଯାଉ । ଆମ୍ବେଦକର କେ.ଏମ.ମୁନ୍‌ସୀଙ୍କର ସେହି ପ୍ରସ୍ତାବକୁ ଘୋର ବିରୋଧ କରିଥିଲେ । ସେ କହିଥିଲେ – ''**Rights for minorities should be absolute rights. They should not be subject of consideration as to what another party may like to do to minorities within its jurisdiction**'' ସଂଖ୍ୟାଲଘୁମାନଙ୍କ ଅଧିକାର ନିରଙ୍କୁଶ ହେବା ବାଞ୍ଛନୀୟ । ଅନ୍ୟ ଗୋଟିଏ ପକ୍ଷ ସମ୍ପୃକ୍ତ ଅଞ୍ଚଳର ସଂଖ୍ୟାଲଘୁ ପାଇଁ କଣ କରିବ ନ କରିବ ସେ କଥା ବିଚାର କରି ସଂଖ୍ୟାଲଘୁଙ୍କ ଅଧିକାର ପ୍ରଶ୍ନ ଉପରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ । ଏଥିରୁ ଧର୍ମନିରପେକ୍ଷତା କିପରି ଏକ ସାର୍ବଜନୀନ ମୂଲ୍ୟବୋଧ ତାଙ୍କ ପାଇଁ ଥିଲା ତାହା ପ୍ରତୀୟମାନ ହେଉଛି । ତେଣୁ ସମ୍ବିଧାନରେ ତାର ସୂଚନା ରହିବାର ଆବଶ୍ୟକତା ନାହିଁ ବୋଲି ସେ ଭାବୁଥିଲେ । ସମ୍ବିଧାନର ୩୦ ଧାରାରେ ସଂଖ୍ୟାଲଘୁଙ୍କୁ ଦିଆଯାଇଥିବା ଅଧିକାର ତାଙ୍କ ମାନସସନ୍ତାନ ଥିଲା ।

ମହିଳାଙ୍କ ସମ୍ପର୍କରେ ତାଙ୍କର ସାମାଜିକ ଦୃଷ୍ଟିଭଙ୍ଗୀ ଅନ୍ୟାନ୍ୟ ପ୍ରଶ୍ନ ପରି ମଧ୍ୟ ବିପ୍ଳବୀ ଧର୍ମୀ ଥିଲା । ସେ କହୁଥିଲେ – '' **I measure the progress of a community by the degree of progress which women have achieved.**'' (ମୁଁ କୌଣସି ଏକ ସଂପ୍ରଦାୟର ପ୍ରଗତିକୁ ସମ୍ପୃକ୍ତ ସମ୍ପ୍ରଦାୟରେ ମହିଳାମାନଙ୍କର ପ୍ରଗତି କିପରି ହୋଇଛି ସେହି ମାନଦଣ୍ଡରେ ମାପିଥାଏ ।) ସେ ଆମ ଦେଶର ଶୋଷଣ ଭିତ୍ତିକ, ଜାତିଭିତିକ ଏବଂ ଉଚ୍ଚନୀଚ ସାମାଜିକ ପ୍ରଥାର ଶିକାର ମହିଳାମାନେ ହେଉଛନ୍ତି ବୋଲି କହିଥିଲେ । ସେ ମହିଳାଙ୍କର ସଶକ୍ତିକରଣ ପ୍ରଶ୍ନ ମଧ୍ୟ ଉଠାଉଥିଲେ । ସେ କହୁଥିଲେ – ଆମ ସମାଜ ବ୍ୟବସ୍ଥାର '' enforced powerlessness'' ବନ୍ଧା ଶକ୍ତିହୀନତା ସ୍ତରରୁ ମହିଳାମାନଙ୍କୁ କ୍ଷମତା ସ୍ତରକୁ ନେବାକୁ ପଡ଼ିବ । ୧୯୩୮ରେ ତତ୍‌କାଳୀନ ବମ୍ବେ ପ୍ରଦେଶର ଆସେମ୍ବ୍ଲିରେ ବିତର୍କ ଭିତରେ ସେ ମହିଳମାନଙ୍କର ପ୍ରଶ୍ନ ଉଠାଇଥିଲେ । ମହିଳାମାନଙ୍କୁ ପ୍ରସୁତିକାଳୀନ ଛୁଟି ଦେବା ସମ୍ପର୍କରେ ବିଲ୍ ଡକ୍ଟର ଆମ୍ବେଦକର ଆଇନମନ୍ତ୍ରୀ ଥିଲାବେଳେ ୧୯୪୨ରେ ଗଭର୍ଣ୍ଣର ଜେନେରାଲଙ୍କ ଏକଜିକ୍ୟୁଟିଭ୍ କାଉନ୍‌ସିଲରେ ଅଣାଯାଇଥିଲା । ମହିଳାମାନଙ୍କ ଗୋଡ଼ରେ ବେଡ଼ି ପିନ୍ଧାଇ ଜାତିପ୍ରଥାକୁ ଆଗକୁ ନିଆଯାଉଛି ବୋଲି ସେ ବିଶ୍ୱାସ କରୁଥିଲେ । ତେଣୁ ହିନ୍ଦୁ ପରସନାଲ୍ ଆଇନକୁ ମହିଳାମାନଙ୍କ ପାଇଁ ଅଧିକ ଆଇନସଂଗତ କରିବାର ଇଚ୍ଛା ତାଙ୍କର ରହିଥିଲା ।

ପଣ୍ଡିତ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଆଇନ ମନ୍ତ୍ରୀ ହିନ୍ଦୁ ଆଚର ସଂହିତା ବିଲର୍ ଖସଡ଼ା ତିଆରି କରିବା ପାଇଁ ସେ ମାସାଧିକ କାଳ ଉଦ୍ୟମ କରିଥିଲେ ଯେଉଁ ବିଲ୍‌ର ଖସଡ଼ା ସେ ତିଆରି କରିଥିଲେ ସେଥିରେ ଛାଡ଼ପତ୍ର ଦେବାର ଅଧିକାରକୁ ସ୍ୱୀକୃତି ଦିଆଯିବା ସଙ୍ଗେ ସଙ୍ଗେ ବିଧବା ଏବଂ ଝିଅମାନଙ୍କର ସମ୍ପତ୍ତି ଉପରେ ଅଧିକାରକୁ ସ୍ୱୀକୃତି ଦିଆଯାଇଥିଲା । ସମ୍ବିଧାନ ପ୍ରଣୟନ ସଭା (୧୯୪୭–୧୯୫୧) ଚାରି ବର୍ଷ କାଳ ଏ ପ୍ରସଙ୍ଗରେ ବିତର୍କ କରି ପରିଶେଷରେ ସେହି ଆଇନ ପ୍ରଣୟନ କରିବାକୁ ଦେଇ ନ ଥିଲା । ଦେଶର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉକ୍ତ ବିଲ୍‌କୁ ଆଇନ କରାଇ ଦେବେ ନାହିଁ ବୋଲି ଧମକ ଦେଇଥିଲେ ଏବଂ ହିନ୍ଦୁ ସାଧୁମାନେ ସଂସଦ ଭବନକୁ ଘେରାଉ କରିଥିଲେ । ଶିଳ୍ପଜଗତର ହର୍ତ୍ତାକର୍ତ୍ତାମାନେ ମଧ ଉକ୍ତ ବିଲର ବିରୋଧୀ ଥିଲେ । ସେହି ବିଲ୍ ପ୍ରତି ବିରୋଧ ଏପରି ତୀବ୍ର ଥିଲା ଯେ ପରିଶେଷରେ ଆମ୍ବେଦକର ଆଇନମନ୍ତ୍ରୀ ପଦବୀରୁ ଇସ୍ତଫା ଦେଇଥିଲେ । ତାଙ୍କର ସାମାଜିକ ଦୃଷ୍ଟିଭଙ୍ଗୀ କିପରି ବିପ୍ଳବଧର୍ମୀ ଥିଲା ଆଇନମନ୍ତ୍ରୀ ଭାବେ ଇସ୍ତଫା ଦେଲାବେଳେ ତାଙ୍କର ଭାଷଣ ହେଉଛି ତାର ପ୍ରମାଣ । ସେ ସେହି ଭାଷଣରେ କହିଥିଲେ, '' **To leave inequality between class and class, between sex and sex, which is the soul of Hindu society and go on passing legislation relating to economic problems is to make a farce of our constitution and to build a palace on dung heap.**'' ହିନ୍ଦୁ ସମାଜ ବ୍ୟବସ୍ଥାସ୍ଥିତ ଶ୍ରେଣୀ ଶ୍ରେଣୀ ମଧ୍ୟରେ ବୈଷମ୍ୟ ଏବଂ ଲିଙ୍ଗ ଲିଙ୍ଗ ମଧ୍ୟରେ ବୈଷମ୍ୟକୁ ଅତୁଟ ରଖି ଆର୍ଥିକ ପ୍ରଶ୍ନ ଉପରେ ଆଇନମାନ ତିଆରି କରିବା ଏକ ପ୍ରହସନ – ତାହା ଗୋବରଗଦା ଉପରେ ରାଜପ୍ରାସାଦ ଗଢ଼ିବା ଭଳି ହେବ ।

ମହିଳାମାନଙ୍କ ପାଇଁ ତାଙ୍କର ଯେଉଁ ଦୃଷ୍ଟିଭଙ୍ଗୀ ସେ ସମ୍ବିଧାନରେ ଛାଡ଼ି ଯାଇଛନ୍ତି ତାକୁ କେହି ଲିଭାଇ ପାରିବେ ନାହିଁ । ୧୪ ନମ୍ବର ଧାରାରେ ଆଇନ୍ ଆଗରେ ସମସ୍ତେ ସମାନ ଏବଂ ସମସ୍ତଙ୍କୁ ଆଇନର ସମାନ ସୁରକ୍ଷା ମିଳିବ ବୋଲି ରହିଛି । ୧୫ ନମ୍ବର ଧାରାରେ ରହିଛି ଲିଙ୍ଗଭିତ୍ତିରେ କାହାରି ପ୍ରତି ପାତର ଅନ୍ତର କରାଯାଇପାରିବ ନାହିଁ । ସମ୍ବିଧାନରେ ୧୫ (୩) ଧାରାରେ ରହିଛି ଯେ ମହିଳା ଏବଂ ଶିଶୁ ରାଷ୍ଟ୍ର ଅନୁକୂଳ ହେଲା ଭଳି ପାତରଅନ୍ତର (ପଜିଟିଭ୍ ଡିସକ୍ରିମେସନ) କରିବ । ୧୬ ନମ୍ବର ଧାରାରେ ରହିଛି ସେ ସରକାରୀ ନିଯୁକ୍ତିରେ ସମାନ ସୁଯୋଗ ମହିଳାମାନଙ୍କୁ ଦିଆଯିବ । ୩୯ (କ) ଓ (ଘ) ଧାରାରେ ରହିଛି ସମାନ କାମ ପାଇଁ ସମାନ ମଜୁରୀ ଦିଆଯିବ : ୪୨ଶ ଧାରାରେ ରହିଛି ମହିଳାମାନଙ୍କୁ ପ୍ରସୂତିକାଳୀନ ଛୁଟି ଦିଆଯିବା ୫୧ (କ) (ଙ) ଧାରାରେ ମହିଳାମାନଙ୍କ ସମ୍ମାନହାନୀ ହେଲାଭଳି ମନ୍ତବ୍ୟ ବା କାମ କରିବାକୁ ବାରଣ କରାଯାଇଛି ।

ଡକ୍ଟର ଆମ୍ବେଦକର ମଧ୍ୟ ଶ୍ରମଜୀବୀଙ୍କର ଦୁଃଖଦୁର୍ଦ୍ଦଶା ପ୍ରତି ସଜାଗ ଥିଲେ । ଘୃଣ୍ୟ ଜାତିପ୍ରଥାକୁ ସେ ''ଶ୍ରମର ବିଭାଜନ'' ବୋଲି ମନେ କରୁ ନ ଥିଲେ – ମନେ କରୁଥିଲେ ''ଶ୍ରମିକଙ୍କର ବିଭାଜନ'' । ଜାତିପ୍ରଥା କାହାର କି ପ୍ରକାର କାମ ହେବ ତାକୁ ନିର୍ଦ୍ଧାରଣ କରୁଥିଲା । ବିପରୀତ କଥା ନୁହେଁ । ତାଙ୍କ ମତରେ ଏକ ଜାତିଭିତ୍ତିକ ସମାଜ ବ୍ୟବସ୍ଥାରେ ବ୍ୟକ୍ତିର ଜୀବିକା ନିର୍ବାହର ପନ୍ଥା ତାର ଇଚ୍ଛା ବା ଅନିଚ୍ଛା ଉପରେ ନିର୍ଭର କରୁ ନଥାଏ । ତେଣୁ ତାହା ଫଳରେ ଉଭୟ ଶ୍ରମ ଓ ପୁଞ୍ଜିର ଗତିଶୀଳତା ନ ଥାଏ । ଫଳରେ ସମ୍ପଦର ସୁବିନିଯୋଗ ସେପରି ବ୍ୟବସ୍ଥାରେ ସମ୍ଭବ ନୁହେଁ । ସମ୍ବିଧାନର ୧୯ (୧) (ଗ) ଧାରାରେ ଶ୍ରମିକମାନଙ୍କ ୟୁନିୟନ ଏବଂ ଆସୋସିଏସନ୍ କରିବାର ଅଧିକାର ଦିଆଯାଇଛି । ତୃତୀୟ ପରିଚ୍ଛେଦର (୧), ୧୯, ୨୩, ଓ ୨୪ ଧାରା) ଏବଂ ଚତୁର୍ଥ ପରିଚ୍ଛେଦ (୩୯, ୪୧, ୪୨, ୪୩, ୪୩(କ) ଏବଂ ୫୪ ଧାରାରେ ଶ୍ରମିକର ମର୍ଯ୍ୟାଦା ଏବଂ ସୁରକ୍ଷାର ବ୍ୟବସ୍ଥା ରହିଛି । ସମ୍ବିଧାନର ମୌଳିକ ଅଧିକାର ଏବଂ ରାଷ୍ଟ୍ର ପାଇଁ ନିର୍ଦ୍ଦେଶାବଳୀକୁ ଆଖି ଆଗରେ ରଖି ଏହା କରାଯାଇଛି ।

ଆଜି ରାଷ୍ଟ୍ର ଡକ୍ଟର ଆମ୍ବେଦକରଙ୍କର ୧୨୫ ତମ ଜନ୍ମବାର୍ଷିକୀ ପାଳନ କରୁଥିଲାବେଳେ – କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିବାର ସମୟ ଆସିଛି । ଆମ୍ବେଦକର ନ୍ୟାୟ ସଂଗତ ରାସ୍ତାରେ ଏକ ନ୍ୟାୟସଂଗତ ସମାଜ ଗଢ଼ିବା କଥା ଚାହିଁଥିଲେ । ତାହା କେତେ ଦୂର ସଫଳ ହୋଇଛି ? ଦେଶର କୋଟି କୋଟି ନିପୀଡ଼ିତ ଜନଗଣଙ୍କୁ ସାମାଜିକ ଆର୍ଥିକ ଏବଂ ରାଜନୈତିକ ନ୍ୟାୟ ଦେବାରେ ଆମେ କେତେ ସକ୍ଷମ ହୋଇଛେ ? ସ୍ୱାଧୀନତା, ସାମ୍ୟ ଏବେ ଭ୍ରାତୃଭାବରେ ଜନଗଣଙ୍କୁ ପ୍ରଭାବିତ କରିବାରେ ସମ୍ବିଧାନର ପ୍ରଭାବ କ'ଣ ?

ସମ୍ବିଧାନର ପ୍ରଭାବ ଯେ ସୁଦୂରପ୍ରସାରୀ ଏହା ମାନିବାକୁ ପଡ଼ିବ । କିନ୍ତୁ ଆହୁରି ଅନେକ କଥା କରିବାକୁ ରହିଛି । ଛୁଆଁ ଓ ଅଛୁଆଁ ଭେଦଭାବ ଏବେ ବି ରହିଛି– ଏବେ ବି ୨୫ ପ୍ରତିଶତ ଲୋକ ତାହା ଅନୁସରଣ କରୁଛନ୍ତି (**NCAER Report Marlyland, University November 2014**) । ଯୁକ୍ତାତ୍ମକ ବାଛବିଚାର (ପଜିଟିଭ୍ ଡିସକ୍ରିମିନେସନ) ବା ସଂରକ୍ଷଣକୁ ଭୋଟ ବ୍ୟାଙ୍କ୍ ରାଜନୀତି ବୋଲି ମନେକରାଯାଇଛି, ଉତ୍ତମ ପ୍ରଶାସନ ବୋଲି ନୁହେଁ । ଭାରତର ଜାତିପ୍ରଥା ହେଉଛି ଅର୍ଥନୈତିକ ଭିତ୍ତି ଉପରେ ଗଢ଼ି ଉଠିଥିବା ଏକ ସୁପରଷ୍ଟ୍ରକଚର ବା ଉପରର ଢାଞ୍ଚା । ସେହି ଅର୍ଥନୈତିକ ଭିତ୍ତି ହେଉଛି ସାମନ୍ତବାଦୀ ବା ଅର୍ଦ୍ଧ ସାମନ୍ତବାଦୀ । ମୂଳ ଭିତ୍ତିକୁ ଧ୍ୱଂସ ନ କରି ଉପରିସ୍ଥ ସୌଧକୁ ଧ୍ୱଂସ କରି ହେବ ନାହିଁ । ଦେଶରେ ସବୁଠାରୁ ଅଧିକ ଶୋଷିତ ଶ୍ରେଣୀ ହିଁ ହେଉଛି ସବୁଠାରୁ ଅଧିକ ନିର୍ଯ୍ୟାତିତ ଜାତି । ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନକୁ ତେଣୁ ଶ୍ରେଣୀ ଶୋଷଣ ବିରୋଧୀ ଆନ୍ଦୋଳନକୁ ଜାତିଗତ ଶୋଷଣ ବିରୋଧୀ ଆନ୍ଦୋଳନ ସହିତ ଛନ୍ଦିବାକୁ ପଡ଼ିବ । ତାହା ହିଁ ହେବ ସମ୍ବିଧାନ ପ୍ରଣେତାଙ୍କ ପ୍ରତି ସଠିକ୍ ଶ୍ରଦ୍ଧାଞ୍ଜଳି ।

❖ ❖ ❖

## ୬ ପୃଷ୍ଠାର ଅବଶିଷ୍ଟାଂଶ

୨୦୧୫ ବଜେଟ୍ ପ୍ରାବଧାନ ସହ ସମାନ ହୋଇଥାନ୍ତା । ମାତ୍ର ସରକାର ୩୮,୪୬୦୦୦ କୋଟି ଟଙ୍କାର ଅଟକଳ କରି ଯୋଜନାକୁ ଅଭୂତପୂର୍ବ ହିସାବରେ ଅଭିହିତ କରୁଛନ୍ତି । ଏ ହିସାବରେ ୨୦୧୪–୨୦୧୫ ବଜେଟ୍ ଅଟକଳରେ ଏ ଯୋଜନା ଯେତିକି ନିଯୁକ୍ତି ସୃଷ୍ଟି କରିଥିଲା ; ଏ ବର୍ଷ ତାଠାରୁ ଆହୁରି କମ୍ ନିଯୁକ୍ତି ଭିତ୍ତିକ କାର୍ଯ୍ୟ ଦିବସ ସୃଷ୍ଟି କରିବ । ଏହା ପ୍ରତାରଣା ନୁହେଁ ତ ଆଉ କ'ଣ ?

ଦାରିଦ୍ର୍ୟ ସମାରେଖା ତଳେ ଥିବା ଲୋକଙ୍କ ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (**RSBY**)ର ଘୋଷଣା କରାଯାଇଛି । ତଦଦାନୁସାରେ ପ୍ରତିଟି **BPL** ପରିବାରକୁ ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯିବାର ବ୍ୟୟ ଅଟକଳ କରାଯାଇଛି ୧୯୦୦୦କୋଟୀ ଟଙ୍କା । ଅର୍ଥମନ୍ତ୍ରୀଙ୍କ ଘୋଷଣା ଅନୁସାରେ ପ୍ରାୟ ଏକ ତୃତୀୟାଂଶ **BPL** ପରିବାର ଏହାଦ୍ୱାରା ଉପକୃତ ହେବେ ଯାର ସଂଖ୍ୟା ୮ କୋଟି ଅଟେ । ପୁଣି ଏ ଯୋଜନା ଯଦି ଘରୋଇ କମ୍ପାନୀମାନେ ପରିଚାଳନା କରିବେ, ସେମାନେ ନିଶ୍ଚିତ ଭାବରେ କ୍ଷତି ସହିବେ ନାହିଁ । ସୁତରାଂ ହିତାଧିକାରୀ ଏବଂ ବଜେଟ୍ ଆକାଳନକୁ ଦେଖିଲେ ଏ ପରିମାଣ କେବଳ ଘରୋଇ କମ୍ପାନୀମାନଙ୍କ ବ୍ୟବସାୟ ଏବଂ ଲାଭକୁ ବୃଦ୍ଧିକରିବ ଗରିବ ଜନତାଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇବାରେ ବା ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହା ସକ୍ଷମ ହେବ ନାହିଁ ।

ସମଗ୍ର ଦେଶରେ ଚାଷୀ ସମସ୍ୟାକୁ ଦେଖି, ସେମାନଙ୍କୁ ଖୁସି କରିବା ପାଇଁ ଅର୍ଥମନ୍ତ୍ରୀ କହିଲେ ଯେ, ୨୦୨୨ ମସିହା ପର୍ଯ୍ୟନ୍ତ ଚାଷୀମାନଙ୍କ ଆୟ ଦୁଇଗୁଣ ବୃଦ୍ଧିପାଇବ (ବା) ବୃଦ୍ଧି କରାଯିବ । ୨୦୧୪–୧୫ ବଜେଟ୍‌ରେ କୃଷି କ୍ଷେତ୍ର ପାଇଁ ୧୫,୮୦୯ କୋଟି ଟଙ୍କାକୁ ବୃଦ୍ଧିକରି ବର୍ତ୍ତମାନ ଏଥିପାଇଁ ୩୫,୯୮୩ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । କିନ୍ତୁ ଏ ବର୍ଦ୍ଧିତ ଅଟକଳରେ ପରିସଂଖ୍ୟାନରେ ଏକ ତୃଟି ରହିଛି । କୃଷି କ୍ଷେତ୍ରରେ ସବ୍‌ସିଡ଼ି ବାବଦରେ ଦିଆଯାଇଥିବା ଅର୍ଥର ସୁଧ (୧୫,୦୦୦ କୋଟି ଟଙ୍କା) ଯାହା ଆଗରୁ ଅର୍ଥମନ୍ତ୍ରଣାଳୟରେ ରହିଥିଲା, ତାକୁ କୃଷିକ୍ଷେତ୍ରରେ ମିଶାଇ ଦିଆଯାଇଛି । ଏଣୁ ପ୍ରକୃତଭାବରେ ବୃଦ୍ଧି ଘଟିଛି ମାତ୍ର ୫୦୦୦ କୋଟି ଟଙ୍କାର ବରଂ କୃଷି କ୍ଷେତ୍ରରେ ଯୋଜନା ଜନିତ ଖର୍ଚ୍ଚକୁ ୨୨୩୦୯ କୋଟି ଟଙ୍କାରୁ କମାଇ ୨୦,୪୦୦ କୋଟି ଟଙ୍କା ରଖାଯାଇଛି । ଏଣୁ ଏତେ କମ୍ ଖର୍ଚ୍ଚରେ ପଶୁଧନ ସଂଜୀବନି ନକୁଳ ସ୍ୱାସ୍ଥ୍ୟପତ୍ର ପ୍ରଭୃତି ଯୋଜନା କିପରି ଫଳପ୍ରସୁ ହେବ ? ବଜେଟ୍‌ରେ ପୁଣି 'ଶସ୍ୟ ସଂଗ୍ରହ'କୁ ପ୍ରକ୍ରିୟାର ବିକେନ୍ଦ୍ରୀକରଣ ବା ଅନ୍ୟଲୋକଙ୍କୁ ହସ୍ତାନ୍ତର କରିବା ପାଇଁ ଘୋଷଣା କରାଯାଇଛି । ଏ ମାଧ୍ୟମରେ **FCI** ର କାର୍ଯ୍ୟକୁ ଧିରେ ଧିରେ ଘରୋଇ ସଂସ୍ଥାମାନେ ଅବେରି ନେବେ । ଏହାଦ୍ୱାରା ଦୁଇଟି ସମସ୍ୟା ହେବ । ପ୍ରଥମତଃ ଅଭାବୀ ବିକ୍ରୀ ଆହୁରୀ ବୃଦ୍ଧି ପାଇବ ଏବଂ ଦ୍ୱିତୀୟତଃ ଗୋଟିଏ ରାଜ୍ୟର ଶସ୍ୟାଭାବକୁ ଦୂର ବା ଭରଣା କରିବାକୁ **FCI** ଆଉ ସକ୍ଷମ ହେବ ନାହିଁ । ପୁଣି ଅରୁଣଜେଟଲୀଙ୍କ ଘୋଷଣା ଅନୁସାରେ 'ଖାଦ୍ୟଶସ୍ୟ ବିକ୍ରୀ'ର ଦାୟିତ୍ୱ ଯଦି ବିଦେଶୀ ଏବଂ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଦିଆଯିବ ; ତାହେଲେ ଦେଶରେ ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି କେତେ ପରିମାଣରେ ଯେ ବୃଦ୍ଧିପାଇବ ତାହା ଆକଳନ କରିବା ଅସମ୍ଭବ ।

ଏଣୁ ବଜେଟ୍‌କୁ ସ୍ୱଷ୍ଟ ଭାବରେ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଏ ବଜେଟ୍ ଜନସାଧାରଣଙ୍କ ପାଇଁ ଯେତିକି ନୁହେଁ ସେତିକି ପୁଞ୍ଜିପତିମାନଙ୍କ ସ୍ୱାର୍ଥସାଧନ ପାଇଁ । ପ୍ରତିଶୃତି କୃଷକମାନଙ୍କ ପାଇଁ ନୁହେଁ ବରଂ ପୁଞ୍ଜିବାଦର ଦୟାଦମାନଙ୍କ ପାଇଁ । ଦେଶବାସୀଙ୍କ ଭାଗରେ ରହିଛି କେବଳ ପ୍ରତାରଣାର କେତେକ ଦିଗ ।

❖ ❖ ❖



# ବଜେଟ୍ ୨୦୧୬ : ପ୍ରତିଶୃତି ନା ପ୍ରତାରଣା

ରାଜୀବ ଲୋଚନ ଦାଶ
ସଭାପତି, SDLIEA, ସମ୍ବଲପୁର

କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଫେବୃଆରୀ ୨୯ ତାରିଖରେ ୨୦୧୬-୧୭ ଆର୍ଥିକ ବର୍ଷ ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିଛନ୍ତି । ସାଧାରଣ ଭାବରେ ବଜେଟ୍‌କୁ ଆୟବ୍ୟୟର ଏକ ତାଲିକା ହିସାବରେ ଗ୍ରହଣ କରାଯାଏ ! ଆଉଟିକେ ମାର୍ଜିତ ଭାବରେ ଉପସ୍ଥାପନ କଲେ ଜଣାପଡ଼େ ଯେ ବଜେଟ୍‌ଟି କେବଳ ଗୋଟିଏ ଆର୍ଥିକ ବର୍ଷରେ ଯୋଜନାକୃତ ଆୟବ୍ୟୟର ତାଲିକା ନୁହେଁ ; ଅଧିକନ୍ତୁ ଏହା ଅର୍ଥନୀତି ପାଇଁ ଏକ ଦିଗ ନିରୂପଣକାରୀ ପ୍ରକ୍ରିୟା । ଐତିହାସିକ ଭାବରେ ବଜେଟ୍ ଶବ୍ଦଟି **French Word "Bougettee"** ରୁ ଆସିଛି ; ଯାହାର ଅର୍ଥ ହେଉଛି **purse** ବା ମୁଣା । ଅର୍ଥମନ୍ତ୍ରୀ ଫେବୃୟାରୀ ୨୯ ତାରିଖରେ ଚଳିତ ଆର୍ଥିକ ବର୍ଷ ପାଇଁ ତାଙ୍କର ମୁଣା ଖୋଲିଛନ୍ତି ଯାହାକୁ ତାଙ୍କ ପ୍ରଯୋଜିତ ଗଣମାଧ୍ୟମ **"Pro-Poor", "Pro-farmer"** ଆଖ୍ୟା ଦେଉଛି । ସୁତରାଂ ଭାରତ ଭଳିଆ ଏକ **Welfare State** ପାଇଁ ମୋଦି ସରକାରଙ୍କ ଏ ବଜେଟ୍ ବାସ୍ତବିକ କାହାପାଇଁ କେତେ **"Pro"** ଏବଂ କାହାପାଇଁ କେତେ **"Anti"** ; ତାହା ଆଲୋଚନାର ଆପେକ୍ଷା ରଖେ । ଏବଂ ଏକ ନିରପେକ୍ଷ ଆଲୋଚନା ହିଁ ସ୍ପଷ୍ଟ କରିବ ଏଥିରେ ପ୍ରକୃତର କ'ଣ ରହିଛି ?

**ପ୍ରତିଶୃତି ନା ପ୍ରତାରଣା !!!**

ବଜେଟ୍‌ରେ କର୍ମଚାରୀମାନଙ୍କ ସ୍ଥିତିକୁ ପ୍ରଥମେ ବିଚାରକୁ ନିଆଯାଉ । ବଜେଟ୍‌ରେ ଆୟର କଥା ବିଚାରକୁ ନେଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର କଥା ଆସେ । ପ୍ରତ୍ୟକ୍ଷ କର ବା **Direct Tax** ଯାହା ମୁଖ୍ୟତଃ କର୍ମଚାରୀ ଏବଂ ସାଧାରଣ ନାଗରିକ ଠାରୁ ଆଦାୟ କରାଯାଏ ; ସେଥିରେ ରହିଛି କେବଳ ସାମାନ୍ୟତମ ରିହାତି (**Income not exceeding Rs. 5 Lakh will get a tax rebate of Rs. 5000 instead of Rs. 2000 earlier**). ଏତକକୁ ବାଦ୍ ଦେଲେ **''Slab''** ରେ ଆଉ କିଛି ପରିବର୍ତ୍ତନ ନାହିଁ । ଦରଦାମ ବୃଦ୍ଧି ଦ୍ୱାରା ଯେଉଁ ଆର୍ଥିକ ବୋଝ ବଢୁଛି ; ତାକୁ **D.A.** ମାଧ୍ୟମରେ ଭରଣା କରାଯାଉଛି ବୋଲି ସରକାର କହୁଛନ୍ତି । ମାତ୍ର ଦରଦାମ ବୃଦ୍ଧି ଏବଂ **D.A.** ବୃଦ୍ଧି ସମାନୁପାତିକ ନୁହେଁ । ସୁତରାଂ **Slab** ଅପରିବର୍ତ୍ତିତ ରହିବା ଫଳରେ **Real Wage** ବା ପ୍ରକୃତ ଆୟ କମିବାରେ ଲାଗିଛି । ବରଂ ବୋଝ ଉପରେ ନଳିତା ବିଡ଼ା ସଦୃଶ **Real wage** କମିବା ସାଙ୍ଗକୁ ଅର୍ଥମନ୍ତ୍ରୀଙ୍କ **Provident Fund** ରେ ୬୦% **witradrawl amount**କୁ କରଯୁକ୍ତ କରିବାର ପ୍ରସ୍ତାବ ତାଙ୍କର ପ୍ରତାରଣା ଏବଂ କର୍ମଚାରୀ ବିରୋଧି ମାନସିକତାର ପରିଚୟ ଦିଏ । ମାତ୍ର ଏ ପ୍ରସ୍ତାବର ଦେଶବ୍ୟାପୀ ବିରୋଧ ସରକାରଙ୍କୁ ବାଧ କରିଛି ପ୍ରସ୍ତାବକୁ ହଟାଇବାପାଇଁ । ବଜେଟ୍‌ରେ **Direct Tax** ର ପରିମାଣ ୧୦୬୦ କୋଟି ହ୍ରାସ କରାଯାଇଛି ଏବଂ କୁହାଯାଉଛି ଯେ ଆୟର ପରିମାଣ କମିଛି । ମାତ୍ର ପ୍ରକୃତରେ ଏଥିରେ କିଏ ଉପକୃତ ହୋଇଛି । ବାସ୍ତବିକତା ହେଉଛି ବଡ଼ ବଡ଼ କର୍ପୋରେଟ୍ ହାଉସ୍‌ଙ୍କ ପାଇଁ ଲାଗୁଥିବା **Corporate Tax** କୁ କମ୍ କରାଯାଇଛି ଏବଂ ପରିଣାମସ୍ୱରୂପ ପରୋକ୍ଷ ବା **Indirect Tax** ରେ ୨୦,୬୭୦ କୋଟି ଟଙ୍କା ବୃଦ୍ଧି କରାଯାଇଛି ଯା'ର ବୋଝ ସାଧାରଣ ଜନତାଙ୍କ ଉପରେ ପଡ଼ିବ । ଅନ୍ୟଭାବରେ କହିଲେ **''Transfer of Burden from Corporate house to Ordinary Household''**. ସରକାର କହୁଛନ୍ତି ବିଗତ ୨୦୧୫-୧୬ ବଜେଟ୍‌ରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରତ୍ୟକ୍ଷ କର ୪୬,୦୦୦ କୋଟି ଟଙ୍କା କମ୍ ଆଦାୟ କରାଯାଇଛି । କିନ୍ତୁ ଏହି ୪୬,୦୦୦କୋଟି ଟଙ୍କା କମ୍ ଆଦାୟ କରାଯାଇଛି । କିନ୍ତୁ ଏହି ୪୬,୦୦୦ କୋଟି ଟଙ୍କା ମଧ୍ୟରେ କେବଳ କର୍ପୋରେଟ୍ **Tax** ର ପରିମାଣ ହେଉଛି ୧୭,୬୫୮ କୋଟି ଟଙ୍କା ।

ବିଗତବର୍ଷ ତୈଳ ଦର ଆଶାତୀତ ଭାବରେ ହ୍ରାସ ପାଇଛି । ସୁତରାଂ ଏ ସୁବିଧା ସିଧାସଳଖ ସାଧାରଣ ଜନତାଙ୍କ ପାଖକୁ ଯିବା କଥା । ମାତ୍ର ସରକାର ଏ ସୁବିଧା ସାଧାରଣ ଜନତାଙ୍କୁ ଦେବା ପରିବର୍ତ୍ତେ ତୈଳ ଉପରେ **Excise Duty @** କୁ ବୃଦ୍ଧି କରି ୫୫,୦୦୦କୋଟୀ ଟଙ୍କା କେବଳ ତୈଳ ମାଧ୍ୟମରେ ସଂଗ୍ରହ କରିଛନ୍ତି । ତା' ସହ ସରକାର ଘୋଷଣା କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ଅଭିଯାନ, କୃଷି କଲ୍ୟାଣ ଯୋଜନାକୁ ଜନହିତକର ଯୋଜନା କହି କେବଳ **Cess** ଉପରେ **Cess** ଲାଗୁ କରିଚାଲିଛନ୍ତି ଯା'ର ପ୍ରକୃତ ବୋଝ ସାଧାରଣ ଜନତା ଉପରେ ପଡୁଛି ।

ସରକାରଙ୍କ ଆଉ ଏକ ଘୋଷଣାନାମା ହେଉଛି **''Budget Deficit''**କୁ ୩.୫ପ୍ରତିଶତ ମଧ୍ୟରେ ସୀମିତ ରଖିବା । ଏ ଯୋଜନାକୁ ସାକାର କରିବା ପାଇଁ ସରକାରଙ୍କ ପନ୍ଥା କ'ଣ ? ପନ୍ଥା ହେଉଛି ସେଇ ଗୋଟିଏ । ରାଷ୍ଟ୍ରାୟତ୍ତ ଶିଳ୍ପମାନଙ୍କ ଅଂଶଧନ ବିକ୍ରି କରିବା । ଏ ମାଧ୍ୟମରେ ୬,୦୦୦ କୋଟି ଟଙ୍କା ଆୟ କରିବାର ଲକ୍ଷ୍ୟ ରଖିଛନ୍ତି ସରକାର । ଏହି ପରିମାଣକୁ ହାସଲ କରିବାକୁ ହେଲେ ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କର ପୁଞ୍ଜି ପ୍ରତ୍ୟାହାର ବା ଘରୋଇକରଣ ପାଇଁ ପଥ ସୁଗମ କରିବା । ଭାରତବର୍ଷରେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀମାନଙ୍କୁ **Stock Exchange** ରେ **Listing** କରିବାର ଘୋଷଣା ତା'ର ଏକ ଜ୍ୱଳନ୍ତ ଉଦାହରଣ । ସୁତରାଂ ବଜେଟ୍‌ର ଏଭଳି ପ୍ରସ୍ତାବ ବିକାଶ ପାଇଁ କୌଣସି ଯୋଜନା ନୁହେଁ ବରଂ ଅର୍ଥନୀତିର ଉଦାରୀକରଣ ପାଇଁ ଗୋଟିଏ ଗୋଟିଏ ଷଡ଼ଯନ୍ତ୍ର ।

ବୀମା ସଂସ୍କାର ନାଁରେ **Insurance Laws Amendment Bill 2015** ସଂସଦରେ ଗୃହୀତ ହୋଇସାରିଛି । ବିଲ୍ ଉପରେ ଆଲୋଚନା ସମୟରେ କୁହାଗଲା ଯେ ; ଯେଉଁ ସମୟରେ ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀକୁ ପୁଞ୍ଜିର ଆବଶ୍ୟକତା ପଡ଼ିବ ସେତେବେଳେ ତା'ର ଅଂଶଧନ ବିକ୍ରି କଥା ଚିନ୍ତା କରାଯିବ । ମାତ୍ର ଭାରତବର୍ଷରେ ଥିବା **Public Sector General Insurance** କମ୍ପାନୀମାନେ କହୁଛନ୍ତି ତାଙ୍କର ପୁଞ୍ଜିର ଆବଶ୍ୟକତା ନାହିଁ ; ଅତଏବ **Stock Market** ରେ ପଞ୍ଜିକରଣର ପ୍ରଶ୍ନ ଆସିଲା କେଉଁଠୁ ? ଏହାହିଁ ପ୍ରତାରଣା ।

ବଜେଟ୍ ଉପସ୍ଥାପନ କରିବା ସମୟରେ ଅର୍ଥମନ୍ତ୍ରୀଙ୍କ ଭାଷଣ ଶୁଣିବା ସମୟରେ ମନରେ ଅନେକ ଭ୍ରମ ଜାତ ହୋଇଥିଲା । ଉପରଠାଉରିଆ ଭାବେ ଶୁଣିଲେ ମନେ ହେଉଥିଲା ଯେମିତି ମୋଦି ସରକାର ହଠାତ୍ ଏକ ସମାଜବାଦୀ ସରକାରରେ ରୂପାନ୍ତରିତ ହୋଇଯାଇଛି । ଗଣମାଧ୍ୟମ ମାନଙ୍କରେ ପ୍ରଚାର କରାଗଲା ଯେ ସରକାର ସାମାଜିକ କଲ୍ୟାଣମୂଳକ ଯୋଜନାରେ ବହୁମାତ୍ରାରେ ଅଧିକ ଖର୍ଚ୍ଚ କରିବାର ଯୋଜନା କରିଛନ୍ତି । ଉଦାହରଣସ୍ୱରୂପ **MNREGA** ବା ମନରେଗା ବାବଦକୁ ସରକାର ଅଭୂତପୂର୍ବ ୩୮,୫୦୦କୋଟି ଟଙ୍କାର ପ୍ରାବଧାନ କରିଛନ୍ତି । ବାସ୍ତବିକତା ହେଉଛି ୨୦୧୪-୧୫ ବଜେଟ୍‌ରେ ୩୪,୦୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଥିଲା। ଏବଂ ପ୍ରାବଧାନଠାରୁ ଅଧିକ ୬୦୦୦ କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଇଥିଲା । ଏଣୁ ୨୦୧୪-୧୫ର ପ୍ରାବଧାନ ଥିଲା ପ୍ରକୃତରେ ୪୦,୦୦୦ କୋଟି ଟଙ୍କା । ତତ୍‌ପରେ **Inflation**କୁ ବିଚାରକୁ ନେଲେ ତାହା ଅନ୍ୟୂନ ୪୬,୦୦୦ କୋଟି ଟଙ୍କା ହେବା କଥା । ତା ହେଲେ ଏହା ୨୦୧୪-

ଅବଶିଷ୍ଟାଂଶ ୦୫ ପୃଷ୍ଠାରେ



# ରାଜପଥରେ ଫାଶୀବାଦ

ଅଭୟ କୁମାର ଦାସ, ସାଙ୍ଗଠନିକ ସମ୍ପାଦକ, CDIEA, କଟକ

ମୋଦୀଙ୍କ ନେତୃତ୍ୱାଧୀନ ବିଜେପି କ୍ଷମତାକୁ ଆସିବାପରେ ବହୁ ବୁଦ୍ଧିଜୀବୀ ପ୍ରଗତିଶୀଳ ଚିନ୍ତକ ଏହାକୁ ଫାଶୀବାଦର ଅଭ୍ୟୁଦୟ ବୋଲି ବିବେଚନା କରୁଥିବାବେଳେ କିଛି ସାଧାରଣ ଲୋକ ଏ ଅଭିବ୍ୟକ୍ତି ଅତିରଞ୍ଜିତ ବୋଲି ମନେ କରନ୍ତି । ସାଧାରଣ ଲୋକେ ଏଭଳି ମନେ କରିବାର କାରଣ ହେଉଛି ଫାଶୀବାଦ ସମ୍ପର୍କରେ ସୂକ୍ଷ୍ମ ବିଶ୍ଳେଷଣର ଅଭାବ । ବେନିଟୋ ମୁସେଲିନିକୁ ବିଶ୍ୱରେ ଫାଶୀବାଦର ସ୍ରଷ୍ଟାବୋଲି କୁହାଯାଏ । ମୁସୋଲିନିଙ୍କ ଫାଶୀବାଦର ସଂଜ୍ଞାକୁ ଯଦି ଦେଖାଯାଏ ସେ ରାଷ୍ଟ୍ରକୁ ସର୍ବସ୍ୱ ବୋଲି ମନେ କରନ୍ତି । ତାଙ୍କ ବିଚାରରେ ରାଷ୍ଟ୍ର ହେଉଛି ନିର୍ଦ୍ଦେଶକ ତଥା ନିର୍ଣ୍ଣାୟକ । ରାଷ୍ଟ୍ରର ନିର୍ଦ୍ଦେଶ ଯେ ପାଳନ ନ କରେ ସେ ରାଷ୍ଟ୍ରଦ୍ରୋହୀ । ସେହି ସମାନ ବିଚାରର ବିଶ୍ୱାସୀ ହେଉଛନ୍ତି ଜର୍ମାନୀର ହିଟ୍‌ଲର, ଇରାକ୍, ଇରାନ୍ ଓ ମଧ୍ୟ ପ୍ରାଚ୍ୟର ଶାସକ ବର୍ଗ । ଆଉ ଟିକେ ସରଳ କଲେ ଦେଖାଯାଏ କୌଣସି ଅନୁଷ୍ଠାନ ବା ସରକାର ବା ଶାସକ ରାଷ୍ଟ୍ରର ସମସ୍ତ କ୍ଷମତାକୁ ନିଜ ଅଧୀନରେ ଜାବୁଡ଼ି ଧରିବା, ଏକଛତ୍ରବାଦ ନୀତିକୁ ଆପଣେଇବା, ବିରୋଧକୁ ବଳପୂର୍ବକ ଦମନ କରିବା, ଉଗ୍ରଜାତୀୟତା ବାଦର ନାରାଦେଇ ଜନମାନସକୁ ବିଭ୍ରାନ୍ତ କରିବା ଓ ସର୍ବୋପରି ସାଧାରଣ ଜନତାଙ୍କ ଅଧିକାରକୁ କୌଶଳ ବା ବଳପୂର୍ବକ ଅପହରଣ କରିବାକୁ ଫାଶୀବାଦ ବୋଲି କୁହାଯାଏ ।

ତେବେ ମନରେ ସ୍ୱତଃ ପ୍ରଶ୍ନଆସେ ତେବେ ପ୍ରକୃତରେ ରାଷ୍ଟ୍ରପ୍ରେମୀ ବା ରାଷ୍ଟ୍ରଦ୍ରୋହୀ ବୋଲି କାହାକୁ ବିବେଚନା କରିବା । ଜାତୀୟତାବାଦ ହେଉଛି ନିଜ ଜାତିର ଅର୍ଥାତ୍ ଦେଶର ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଓ ନିଜ ଦେଶବାସୀଙ୍କୁ ପ୍ରାଣଠାରୁ ଅଧିକ ଭଲପାଇବା ଏଭଳିକି ରାଷ୍ଟ୍ର ପାଇଁ ପ୍ରାଣ ବଳି ଦେବାକୁ ପଡ଼ିଲେ ବି ପଛେଇବା ନାହିଁ ।

ଜାତୀୟତାବାଦକୁ ନେଇ ଯେଉଁ ସରକାର ଆମ ସାମ୍ନାରେ ବିତର୍କ ଖାଡ଼ା କରାଇଛନ୍ତି ତାଙ୍କର ଜାତକ ମଧ୍ୟ ପଠନୀୟ । ଏହା ସର୍ବବିଦିତ ଯେ ବିଜେପି ହେଉଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାଜନୈତିକ ହତିଆର ଯାହାର ମୂଳ ଲକ୍ଷ୍ୟ ଧର୍ମୀୟ ଆଧାରରେ ଦେଶ ଗଠନ କରିବା । ଏହି ଲକ୍ଷ୍ୟ ପାଇଁ ସେମାନେ ଭାରତୀୟଙ୍କ ପଟରେ ରହିବା ପରିବର୍ତ୍ତେ ବ୍ରିଟିଶ୍ ସରକାରଙ୍କ ପକ୍ଷରେ ଥିଲେ । ଏହା ଦୋହରାଇବା ଅନାବଶ୍ୟକ ଯେ ସଂଘ ପରିବାରର ଆଦର୍ଶ – ସବରକର ଆଣ୍ଡାମାନ ଜେଲରୁ ମୁକୁଳିବା ପାଇଁ ବ୍ରିଟିଶ୍ ସରକାରଙ୍କୁ ମୁଚାଲିକା ଦେଇଥିଲେ ଓ ଥରେମାତ୍ର ତାଙ୍କୁ କ୍ଷମା ମିଳିଲେ ସେ ବ୍ରିଟିଶ୍ ସରକାରଙ୍କୁ ସମସ୍ତ ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବ୍ରିଟିଶଙ୍କୁ ତଡ଼ିବା ପାଇଁ ଦେଶର ଯୁବକ, ଛାତ୍ର, କୃଷକ, ମହିଳା ଏକାକାର ହୋଇଥିବା ବେଳେ ଏମାନେ ବ୍ରିଟିଶ୍ ସହ ରହିଥିଲେ ଅର୍ଥାତ୍ ଭାରତୀୟଙ୍କ ବିରୁଦ୍ଧରେ ଲଢୁଥିଲେ । ତେବେ ଏମାନଙ୍କ ଜାତୀୟତାର ପ୍ରମାଣପତ୍ର ନେଇ ଆମ ଦେଶ କ'ଣ ପ୍ରକୃତରେ ଆଗକୁ ଯାଇପାରିବ ? ତତ୍କାଳୀନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବ୍ରିଟିଶ୍ ବିରୁଦ୍ଧରେ ଲଢ଼େଇ କରିବା ଯେତିକି କଷ୍ଟସାଧ ନ ଥିଲା ସେତିକି କଷ୍ଟ ସାଧ ଥିଲା ସଂଘ ପରିବାରର ଅପେକ୍ଷାକୁ ପ୍ରତିହତ କରିବା । ସ୍ୱାଧୀନତା ପରେ ଦେଶର ତ୍ରିରଙ୍ଗା, ଗଣତନ୍ତ୍ର, ସମ୍ବିଧାନକୁ ଯେଉଁମାନେ ସ୍ୱୀକାର କରିବାକୁ ନାରାଜ ସେମାନଙ୍କ ହାତରେ ଏ ଦେଶ କ'ଣ ସୁରକ୍ଷିତ ? ଯେଉଁମାନେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ହତ୍ୟାକାରୀକୁ ରାଷ୍ଟ୍ରଭକ୍ତ ସମ୍ମାନରେ ସମ୍ମାନିତ କରନ୍ତି ଓ ତାଙ୍କ ମହାପ୍ରୟାଣ ଦିବସରେ ମିଷ୍ଟାନ ବଣ୍ଟନ କରନ୍ତି ଓ ଗଣତନ୍ତ୍ର ଦିବସରେ ତ୍ରିରଙ୍ଗା ବଦଳରେ କଳା ପତାକା ଉଡ଼ାଇପାରନ୍ତି ସେମାନଙ୍କଠୁ କ'ଣ ଆମ ଛାତ୍ର–ଯୁବକ ଜାତୀୟତା ଶିକ୍ଷା କରିବେ ?

ବିକାଶର ନାରା ଦେଇ କ୍ଷମତାକୁ ଆସିବା ପରେ ଅସହିଷ୍ଣୁତା ଆଜି ଶିଖରରେ । ପ୍ରଥମ ଅସହିଷ୍ଣୁତା ପ୍ରଦର୍ଶନ ହୋଇଥିଲା ବୁଦ୍ଧିଜୀବୀ ଓ ହେତୁବାଦୀଙ୍କ ବିରୁଦ୍ଧରେ କାରଣ ସଂଘ ପରିବାର ସବୁଠୁ ଭୟକରେ ବୁଦ୍ଧିଜୀବୀଙ୍କୁ ହେତୁବାଦୀଙ୍କୁ । ଏହାର ପରିଣତି ସ୍ୱରୂପ ଦେଖାଗଲା ନରେନ୍ଦ୍ର ଡାଭୋଲକରଙ୍କଠାରୁ । ଗୋବିନ୍ଦ ପାନାସାର୍ ଓ କାଲବୁର୍ଗୀଙ୍କ ହତ୍ୟା । ଦ୍ୱିତୀୟରେ ପ୍ରଦର୍ଶିତ ହେଲା ଧର୍ମୀୟ ଅସହିଷ୍ଣୁତା । ଲଭ୍ ଜେହାଦି, ଘର୍‌ୱାପସି, ଗୋ ମାଂସ ନିଷେଧ, ଗାଇ ବଞ୍ଚାଅ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୱେଷରେ ବିପନ ବୁଣାଗଲା ଓ ମୁସଲମାନଙ୍କୁ ସର୍ବସାଧାରଣରେ କେବଳ ହତ୍ୟା କରାଯାଉନାହିଁ ତାକୁ ଯଥାର୍ଥ ବୋଲି ପ୍ରତିପାଦିତ କରାଯାଉଛି । ତୃତୀୟରେ ଦେଖିଲେ ରାଜନୈତିକ ଅସହିଷ୍ଣୁତା । ପରିଣତି ସ୍ୱରୂପ କମ୍ୟୁନିଷ୍ଟମାନଙ୍କୁ ତଥା ଆମ୍ବେଦକର ଆଦର୍ଶରେ ଦୀକ୍ଷିତ ଗୋଷ୍ଠୀଙ୍କୁ ଆଜି ରାଷ୍ଟ୍ରଦ୍ରୋହୀ ବୋଲି ଗଣମାଧ୍ୟମ ଦ୍ୱାରା ପ୍ରଚାରିତ କରାଯାଉଛି ।

ଏହାର ପରବର୍ତ୍ତୀ ଆକ୍ରମଣର ଶିକାର ହୋଇଛନ୍ତି ଛାତ୍ରମାନେ । ଏହା ଦ୍ୱିରକ୍ତି ଅନାବଶ୍ୟକ ଯେ ସଂଘ ପରିବାର ଶିକ୍ଷାନୁଷ୍ଠାନଗୁଡ଼ିକୁ ତାଙ୍କ ଢାଞ୍ଚାରେ ପୁର୍ନଗଠନ କରିବାକୁ ସର୍ବଦା ଚେଷ୍ଟା କରିଆସିଛି । ପୁନେର ଫିଲ୍ମ ଅନୁଷ୍ଠାନ ହେଉ ବା ଚେନାଇ ଆଇ.ଆଇ.ଟି.ର ଆମ୍ବେଦକର ପରିୟାର ଷ୍ଟଡ଼ି ସର୍କଲକୁ ନିଷେଧ ହେଉ ବା ହାଇଦ୍ରବାଦ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆହ୍ଲାବାଦ, ଗୌହାଟୀ, ଆଲିଗଡ଼, ଯାଦବପୁର ବିଶ୍ୱବିଦ୍ୟାଳୟରେ ସିଧାସଳଖ ସରକାରଙ୍କ ହସ୍ତକ୍ଷେପ ହେଉ ସେମାନେ ଶିକ୍ଷାନୁଷ୍ଠାନଗୁଡ଼ିକରେ ତାଙ୍କ ଆଦର୍ଶକୁ ଲଦି ଦେବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି । ଭାରତବର୍ଷର ବିଶ୍ୱବିଦ୍ୟାଳୟଗୁଡ଼ିକ ନେହେରୁଙ୍କ ସମାଜବାଦ ଢାଞ୍ଚାରେ ପର୍ଯ୍ୟବେସିତ ଯେଉଁଠାରେ କି ବିତର୍କ ବଞ୍ଚିବ, ତର୍ଜମା, ଆଲୋଚନା ଓ ବିରୋଧତା ମାଧ୍ୟମରେ ଗଣତନ୍ତ୍ରକୁ ଶକ୍ତିଶାଳୀ କରାଯିବ । ଅତୀତରେ ଦେଖାଯାଇଛି ଭାରତବର୍ଷର ଛାତ୍ର ଆନ୍ଦୋଳନ ସରକାରଙ୍କୁ ସଠିକ୍ ମାର୍ଗରେ ଯିବାକୁ ବାଧ କରିଛି । ଆଜି ପ୍ରାଥମିକ ବିଦ୍ୟାଳୟଠୁଁ ସ୍ନାତକ ପର୍ଯ୍ୟନ୍ତ ଯେହେତୁ ଶିକ୍ଷା ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା ନିୟନ୍ତ୍ରିତ ସେଠାରେ ଛାତ୍ରଙ୍କ ମଧ୍ୟରେ ବିତର୍କ ଓ ଆନ୍ଦୋଳନ ମୃତପ୍ରାୟ । କେବଳ କେତୋଟି ସରକାରୀ ବିଶ୍ୱବିଦ୍ୟାଳୟ ଯାହା ରହିଛି ସେଠାକାର ଛାତ୍ରଙ୍କ ମଗଜ ନିୟନ୍ତ୍ରଣ ପାଇଁ ଅତିରିକ୍ତ ଶ୍ରମ, ସମୟ ଦେଇ ସଂଘ ପରିବାର ଲାଗିପଡ଼ିଛନ୍ତି । ଜେ.ଏନ୍.ୟୁ. ପରିସରର ବିବାଦ ଏହିଭଳି ଏକ ଅପଚେଷ୍ଟାରେ ପରିଣତି ।

ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ଅନେକ କାଶ୍ମୀର ଅଧିବାସୀ ସେମାନଙ୍କ ଆତ୍ମୀୟ ସ୍ୱଜନଙ୍କ ଚିଠି ଖଣ୍ଡେ ପାଇପାରୁନାହାନ୍ତି । ସନ୍ତ୍ରାସବାଦୀଙ୍କ ଆକ୍ରମଣ ଓ ଦେଶର ସାମରିକ ବାହିନୀର କାର୍ଯ୍ୟକଳାପ ଯୋଗୁଁ ଅଧିବାସୀ ବାସସ୍ଥାନ ପରିବର୍ତ୍ତନ କରୁଥିବାରୁ ଡାକବାଲା ଚିଠି ଖଣ୍ଡେ ଠିକ୍‌ଭାବେ ପହଞ୍ଚାଇବାକୁ

ଅବଶିଷ୍ଟାଂଶ ୦୮ ପୃଷ୍ଠାରେ



# ଧର୍ମ, ଜାତି ନାମରେ ବିଭାଜିତ ଭାରତ

**ବାମଦେବ ମିଶ୍ର, ଯୁଗ୍ମ ସମ୍ପାଦକ, OSGIEA**

ବିଭିନ୍ନତା ମଧ୍ୟରେ ଏକତା ଭାରତର ଏକ ପ୍ରଧାନ ଚରିତ୍ର । କୁହାଯାଏ 'ଯାହା ନାହିଁ ଭାରତେ ତାହା ନାହିଁ ଭାରତେ' । ଏଠାରେ ଭାରତକୁ ଦୁଇଥର ଉଚ୍ଚାରଣ କରାଯିବାର କାରଣ, ଭାରତକୁ ପୃଥିବୀ ସହିତ ତୁଳନା କରାଯାଏ । ଭାରତରେ ଯାହାନାହିଁ ସାରା ପୃଥିବୀରେ ତାହା ମିଳିବ ନାହିଁ । 'ଯାହା ନାହିଁ' ସମ୍ଭବତଃ ବିଭିନ୍ନ ଜାତି, ଧର୍ମ ବା ଗୋଷ୍ଠିକୁ ବୁଝାଏ । ଏହି ଦେଶ ମଧ୍ୟରେ ପୃଥିବୀର ପ୍ରାୟ ସମସ୍ତ ଜାତି ଏବଂ ଧର୍ମର ଲୋକ ବାସ କରନ୍ତି ।

ଜାତିର ସୃଷ୍ଟି କର୍ମ ବା ଜୀବିକା ଅନୁସାରେ ସ୍ଥିର ହୋଇଥିଲା ବେଳେ ସମୟ କ୍ରମେ ସେହି କର୍ମ ତାକୁ ଜାତିର ପରିଚୟ ପ୍ରଦାନ କଲା ଏବଂ ସାଙ୍ଗିଆ ମଧ୍ୟ ଯୋଡ଼ି ଦେଲା । ସେହି ଜାତି ବା କର୍ମ ତା' ଜୀବିକା ନିର୍ଦ୍ଧାରଣର ସ୍ୱାଧିନତାକୁ ଅପହରଣ କରିନେଲା । କିନ୍ତୁ ସମୟ ସହିତ ତାଳ ଦେଇ ଗତି କଲାବେଳେ ଜାତି ଗତ ଜୀବିକାକୁ ଛାଡ଼ି ମଣିଷ ପେଟ ପୋଷିବା ପାଇଁ ରୋଜଗାର ମାଧ୍ୟମ ଖୋଜି କୌଣସି ଗୋଟେ ପେଶାକୁ ଆପଣେଇଲା । କିନ୍ତୁ ନିଜ ଜାତିକୁ ଭୁଲି ପାରିଲା ନାହିଁ କିମ୍ବା ଜାତିପ୍ରଥାକୁ ଛାଡ଼ି ପାରିଲା ନାହିଁ । ଫଳରେ ସଭ୍ୟ ସମାଜ ମଧ୍ୟରେ ବାସ କରି ମଧ୍ୟ ଏବେବି ଜାତିଆଣ ଆକ୍ଷେପ, ପ୍ରତ୍ୟାକ୍ଷେପ ଓ ଦଙ୍ଗାଲାଗି ରହିଛି । ଧର୍ମ ବିଶ୍ୱାସର ଅବସ୍ଥା ମଧ୍ୟ ଠିକ୍ ସେହିଭଳି କେବଳ ଏତିକି ମାତ୍ର ପାର୍ଥକ୍ୟ ଯେ ଜଣେ ଅମୁକ ଧର୍ମର ତ ଆଉ ଜଣେ ସମୁକ ଧର୍ମର ଏବଂ ଜାତି ଗୋଟିଏ ଧର୍ମର ମଣିଷକୁ ଭାଗଭାଗ କଲା ବେଳେ ଧର୍ମ ମଣିଷ ଜାତିକୁ ଭାଗ ଭାଗ କରେ । ଠିକ୍ ସେହି ଭଳି ଭାବେ ରାଜନୀତି – ରାଜାଙ୍କର ବା ଶାସକର ନୀତିରୁ ସୃଷ୍ଟି ହୋଇଥିଲା ବେଳେ ରାଜତନ୍ତ୍ର ଲୋପ ପାଇଁ ବିଭିନ୍ନ ଶାସନ ବ୍ୟବସ୍ଥା ପ୍ରଚଳନ ହେଲେ ମଧ୍ୟ ରାଜନୀତି ବା 'ପଲିଟିକ୍ସ' ଶବ୍ଦଟା ଲୋପ ପାଇନାହିଁ ଏବଂ ବିଭିନ୍ନ ରାଜନୈତିକ ଦଳର ବିରୋଧ ଏବଂ ସମର୍ଥନ ମଧ୍ୟରେ ଦେଶମାନଙ୍କର ଶାସନ ପରିଚାଳିତ ହେଉଛି । ଯେତେବେଳେ ପ୍ରକୃତ ରାଜନୀତି କାର୍ଯ୍ୟକାରୀ କରାଯାଏ ସେତେବେଳେ ଦଳୀୟ ରାଜନୀତିଠାରୁ ରାଷ୍ଟ୍ରହିତ ରାଜନୀତି ଅଧିକ ଗୁରୁତ୍ୱ ପାଏ କିନ୍ତୁ ରାଜନୀତି ଯେତେବେଳେ ଦଳୀୟ ବା ଉପଦଳୀୟ ନୀତିରେ ପରିଚାଳିତ ହୁଏ ସେତେବେଳେ ଦେଶ ହିତ ଗୌଣ ଓ ଦଳ ହିତ ମୁଖ୍ୟ ହୁଏ । ଗୋଟିଏ ବାକ୍ୟରେ କହିଲେ ଜାତି, ଧର୍ମ ନିଜ ନିଜର ପରିସର ମଧ୍ୟରେ ମଣିଷ ଜାତିକୁ ବିଭାଜିତ କରିବାରେ ବେଶୀ ସହାୟକ ହେଉଛି ।

ଆମ ମହାନ ଦେଶ ଭାରତରେ ରାଜନୀତି, ଜାତି ଏବଂ ଧର୍ମ ବିଦ୍ୱେଷଭାବ ବର୍ତ୍ତମାନ ଶାସକର ମୁଖ୍ୟ ଆୟୁଧ ପାଲଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ **BJP** କ୍ଷମତାକୁ ଆସିଲା ପରେ ସମ୍ବିଧାନର ମୁଖବନ୍ଧ (**Preamble**) ରୁ ଧର୍ମନିରପେକ୍ଷ (**Secular**) ଓ ସମାଜବାଦ (**Socialist**) ଶବ୍ଦକୁ ବାଦ ଦେବା ପାଇଁ ପ୍ରଚେଷ୍ଟା ଗଣତନ୍ତ୍ର ପଦ୍ଧତିକୁ ଭଲ ନ ପାଇବାର ପ୍ରଥମ ପରିପ୍ରକାଶ । ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ବିରୁଦ୍ଧରେ କଟୁ ମନ୍ତବ୍ୟ ଦେବା ଏକ ନୀତି ଦିନିଆ ଘଟଣା ।

ଇତିହାସ କହେ ଚୀନ ପରିବ୍ରାଜକ ଫାହିୟାନଙ୍କ ଭାରତ ଭ୍ରମଣ (ଖ୍ରୀ. ୪୦୧) ସମୟରେ ଦେଶରେ ଜାତିପ୍ରଥା ନ ଥିଲା କିନ୍ତୁ ୬୨୯ ମସିହାରେ ଅନ୍ୟତମ ଚୀନ ପରିବ୍ରାଜକ ହୁଏସାଂଙ୍କ ଭାରତ ଭ୍ରମଣ ସମୟରେ ଜାତି ପ୍ରଥା ଥିବାର ସୂଚନା ମିଳେ । ଅର୍ଥାତ୍ ଭାରତରେ ଜାତିପ୍ରଥା ବହୁ ପୁରାତନ ନୁହେଁ ବରଂ ଏହା ସାମନ୍ତବାଦୀ ନୀତିରୁ ସୃଷ୍ଟି । ଜାତିପ୍ରଥା ଉଚ୍ଛେଦ ପାଇଁ ସରକାର ଆଇନ କରିଛନ୍ତି । ଗାନ୍ଧିଜୀ ଜାତିପ୍ରଥାକୁ ବିରୋଧ କରି ତଥା କଥିତ 'ଗୁରୁ' ମାନଙ୍କୁ ହରିଜନ ଆଖ୍ୟା ଦେଇଥିଲେ ଉଦ୍ଦେଶ୍ୟ – ହରି ବା ଈଶ୍ୱରଙ୍କୁ ଭଲ ପାଇବା ବ୍ୟକ୍ତି ଜାତିପ୍ରଥାକୁ ବିରୋଧ କରିବା । ଅଥଚ ଆଜିଯାଏ ଜାତିପ୍ରଥା କେବଳ ବଞ୍ଚିରହିନାହିଁ ବରଂ କାୟା ବିସ୍ତାର କରିଚାଲିଛି । ଅନ୍ୟ ଜାତିରେ ବିବାହକୁ ସମ୍ମାନହାନି ବୋଲି କହି 'ସମ୍ମାନ ହତ୍ୟା' ବା ''**Honour Killing**''ର ସୂଚକାଙ୍କ ବଢ଼ି ବଢ଼ି ଚାଲିଛି । ସେହି ହାରରେ ମଧ୍ୟ ନାରୀ ନିର୍ଯ୍ୟାତନା ବଢ଼ିଛି । ଅଧୁନା ଆମ ଦେଶରେ ଧର୍ମ ଓ ଜାତି ବିଚାରକୁ ନେଇ ଅସହିଷ୍ଣୁତା ଏପରି ସ୍ଥଳରେ ପହଞ୍ଚିଛି ଯେ ଦେଶ ପାଇଁ ଏକତା ଅପେକ୍ଷା ଧର୍ମ ଓ ଜାତିକୁ ଗୁରୁତ୍ୱ ଦିଆଯାଇଛି । ଦେଶର ଧର୍ମ ନିରପେକ୍ଷ ଓ ଗଣତାନ୍ତ୍ରିକ ଢାଞ୍ଚାକୁ ବଦଳାଇ ଦେବାର ପ୍ରଚେଷ୍ଟା ମାଧ୍ୟମରେ ମଣିଷର ରୁଚିକୁ ବଦଳାବା ପାଇଁ ବାଧ୍ୟ କରାଯାଉଛି । ସମସ୍ତ ଧର୍ମନିରପେକ୍ଷ ଅନୁଷ୍ଠାନ, ଶିକ୍ଷାୟତନର ଗୁରୁତ୍ୱ ପୂର୍ଣ୍ଣ ପଦପଦବୀ ଏବଂ ଅଫିସ୍ ଦପ୍ତରରେ **RSS** ର ନିତୀକୁ କାର୍ଯ୍ୟକାରୀ କରିପାରୁଥିବା ବ୍ୟକ୍ତିଙ୍କୁ ଅବସ୍ଥାପିତ କରାଯାଉଛି । **RSS** ଧାରାରେ ଶିକ୍ଷା ବ୍ୟବସ୍ଥା, ତା' ଇଚ୍ଛାରେ ଇତିହାସର ପୁନଃ ଲିଖନ, **RSS** ନିର୍ଦ୍ଦେଶରେ ବିଜ୍ଞାନ କଂଗ୍ରେସକୁ ପରିଚାଳନାକରିବା, କାମ ଆରମ୍ଭ ହୋଇ ସାରିଛି । ଜାତି ଓ ଲିଙ୍ଗ ଭିତ୍ତିକ ସଂରକ୍ଷଣକୁ ବିରୋଧ କରି ଗୋଟିଏ ଧର୍ମ ମଧ୍ୟରେ ଜାତିର ଦୁଇ ଗୋଷ୍ଠୀ ସୃଷ୍ଟିକରା ହେଉଛି । ଏହାକୁ ବିରୋଧ କଲେ କହ୍ନେୟା କୁମାର ଭଳି ଜେଲ ଏବଂ ମାଡ଼ କିମ୍ବା ରୋହିତ ଭେମୁଲା ଭଳି ଆତ୍ମ ହତ୍ୟା କରିବାକୁ ବାଧ୍ୟ ହେବାକୁ ପଡ଼ିବ ।

❖ ❖ ❖

୭ ପୃଷ୍ଠାର ଅବଶିଷ୍ଟାଂଶ

ସକ୍ଷମ ହେଉନାହିଁ । ଏହିଭଳି ଏକ ହୃଦୟ ସ୍ପର୍ଶୀ ଘଟଣାକୁ ନେଇ ଫେବୃୟାରୀ ୯ରେ ଜେନେୟୁ ପରିସରରେ '' **The Country Without a Post Office**'' ଶୀର୍ଷକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କବିତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ସଂଘ ପରିବାରର ଛାତ୍ର ସଂଘଠନ – ଏ.ବି.ଭି.ପି.ର ବିରୋଧରୁ ସୃଷ୍ଟି ହେଲା ବିବାଦ, ଦେଶଦ୍ରୋହ, ଗିରଫ, ଛାତ୍ରବାସ ଖାନତଲାସ ଇତ୍ୟାଦି ଇତ୍ୟାଦି । ଏହା ବିଚାର୍ଯ୍ୟ ଯେ ବିଶ୍ୱବିଦ୍ୟାଳୟ ଏକ ଦେବାଳୟ ନୁହେଁ । ଏଠାକୁ ଭିନ୍ନ ଭିନ୍ନ ମତର ଛାତ୍ର ଛାତ୍ରୀ ଆସିବେ । ଏଠାରେ ବିତର୍କ ଚାଲିବ । ପରସ୍ପରଠାରୁ ସମସ୍ତେ ଶିଖିବେ । ଯାହା ଫଳରେ ଗଣତନ୍ତ୍ର ସୁଦୃଢ଼ ହେବ, ସ୍ୱଚ୍ଛ ହେବ, ସମସ୍ୟାର ଉତ୍ସ ଜଣାପଡ଼ିବ ଓ ତା'ର ନିରାକରଣ ପାଇଁ ମଧ୍ୟ ଖସଡ଼ା ପ୍ରସ୍ତୁତ ହେବ । ସରକାର ଘଟଣାକୁ ଯେଉଁଭଳି ସ୍ତରକୁ ନେଇଗଲେ ତାକୁ ବିଶ୍ୱର ୪୦ଟି ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କୁ ଛି ଛାକର କଲେ । ଏହା ଭାରତବର୍ଷର ଖ୍ୟାତି ବୃଦ୍ଧି କଲା ନା ହାନିକଲା ।

ଆଜି ସଂସଦୀୟ ଗଣତନ୍ତ୍ର ସତ୍ତ୍ୱେ ପ୍ରଧାନମନ୍ତ୍ରୀଙ୍କୁ ନିରଙ୍କୁଶ କ୍ଷମତା ପ୍ରଦାନ କରାଯାଇଛି । ସବୁ ରାଷ୍ଟ୍ରହିତରେ କହି ଜମି ଅଧିଗ୍ରହଣ କରାଯାଉଛି । ରାଜସଭାକୁ ଗୁରୁତ୍ୱ ଦିଆଯାଉନାହିଁ । ଶ୍ରମ ଆଇନର ପରିବର୍ତ୍ତନ କରାଯାଉଛି, ଅତିରିକ୍ତ ଟିକସ ମାଧ୍ୟମରେ ତୈଳର ଆନ୍ତର୍ଜାତୀୟ ହ୍ରାସ ମୂଲ୍ୟ ଖାଉଟିଙ୍କୁ ମିଳୁନାହିଁ । ପ୍ରତ୍ୟେକ ବ୍ୟବହାର୍ଯ୍ୟ ଓ ସେବାରେ ଟିକସ ବୃଦ୍ଧି ବେଳେ ପୁଞ୍ଜିପତିଙ୍କୁ ବିଭିନ୍ନ ଟିକସର ରିହାତି ଦିଆଯାଉଛି । ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ସଂପ୍ରଦାୟ ଭିତ୍ତିରେ ଦେଶବାସୀଙ୍କୁ ଭାଗ ଭାଗ କରାଯାଉଥିବା ବେଳେ ଦେଶଦ୍ରୋହ ମାମଲାରେ ଗିରଫ୍ କରାଯାଉଛି । ଆଜି ସରକାର ଖାଦ୍ୟ, ବସ୍ତ୍ର, ଜୀବନସାଥୀ ଉପରେ ମଧ୍ୟ ଅଙ୍କୁଶ ଲଗାଉଛନ୍ତି । ଏହା ସତ୍ତ୍ୱେ କ'ଣ ଆମର ସନ୍ଦେହ ରହିଛି ଫାଶୀବାଦ ଆସିନାହିଁ ବୋଲି । ବାସ୍ତବରେ ଆଜି ଫାଶୀବାଦ ରାଜରାସ୍ତାରେ ଖୋଲମ ଖୋଲା ବିଚରଣ କରୁଛି । ଘରକୁ ପ୍ରବେଶ କରିବା ପୂର୍ବରୁ କରାୟତ ନ କରାଗଲେ ଦେଶ ରସାତଳଗାମୀ ହେବା ଆବଶ୍ୟମ୍ଭାବୀ ।

❖ ❖ ❖



# ରକ୍ଷକ ଯଦି ଭକ୍ଷକ ହୁଅନ୍ତି ।

ସନ୍ତୋଷ କୁମାର ମହାପାତ୍ର

*ଦେଶରେ କଳାଧନ ଉଦ୍ଧାର ପାଇଁ ଅନେକ ଆଇନ ରହିଛି ଏବଂ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଛି । କିନ୍ତୁ ସତେ ଯେପରି ତାହା କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ । ଅସଲ ଲୋକଙ୍କ ଦେହରେ ହାତ ମରାଯାଇ ପାରୁନାହିଁ । ତେଣୁ ବିଦେଶରୁ କଳାଧନ ଫେରାଇ ଆଣିବା ଯୋଜନା ସୁଦୂର ପରାହତ ।*

ସମ୍ପ୍ରତି ପାନାମା ପେପର ଲିକ୍ ପ୍ରଘଟକୁ ନେଇ ବିଶ୍ୱବ୍ୟାପୀ ଚହଳ ସୃଷ୍ଟି ହୋଇଛି । ପାନାମାସ୍ଥିତ 'ମୋସାକ ଫୋନସେକା' ନାମକ ଏକ ପ୍ରସିଦ୍ଧ ଆଇନ ସହାୟତାକାରୀ କମ୍ପାନୀରୁ ପ୍ରଘଟ ହୋଇଥିବା ତଥ୍ୟକୁ ପାନାମା ପ୍ରଘଟ କୁହାଯାଉଛି । ପ୍ରଘଟ ହୋଇଥିବା ତଥ୍ୟ ଅନୁଯାୟୀ, ବିଶ୍ୱର କିଛି ବର୍ତ୍ତମାନ ଓ ପୂର୍ବତନ ରାଷ୍ଟ୍ରମୁଖ୍ୟ, ବ୍ୟବସାୟୀ, କ୍ରୀଡ଼ାବିତ୍, ଅଭିନେତା, ଶିଳ୍ପପତି ବିପୁଳ ପରିମାଣର କଳାଧନ ବିଦେଶରେ, ବିଶେଷ କରି ଟ୍ୟାକ୍ସ ହାଭେନରେ ସେଲ୍ କମ୍ପାନୀ ଖୋଲି କିମ୍ବା ଆକାଉଣ୍ଟ ଖୋଲି ଗଚ୍ଛିତ ରଖିଛନ୍ତି । ସବୁଠାରୁ ଦୁଃଖର ବିଷୟ, ଭାରତର ୫୦୦ ଲୋକ ମଧ୍ୟ ଏହି ପ୍ରଘଟ ଅନୁସାରେ ବିଦେଶରେ କଳାଟଙ୍କା ରଖିଛନ୍ତି । ବିଶ୍ୱର ବିଭିନ୍ନ ଦେଶର ଏହି କୁକାର୍ଯ୍ୟର ଅନୁସନ୍ଧାନ କରାଯାଉଛି । ଭାରତରେ ସରକାର ସେଣ୍ଟ୍ରାଲ୍ ବୋର୍ଡ଼ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡ଼ିଟି) ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସକୁ ନେଇ ଏକ ବହୁପାକ୍ଷିକ ସଂସ୍ଥା ଦ୍ୱାରା ଏ ସବୁର ତଦନ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି । କିନ୍ତୁ ଏ ସବୁ ଧର୍ମକୁ ଆଖିଠାର । କାରଣ ଯେଉଁମାନେ ବିଦେଶରେ କଳାଟଙ୍କା ରଖିଛନ୍ତି ସେମାନେ ବଡ଼ବଡ଼ିଆ, କ୍ଷମତାଶାଳୀ, ଆଇନରକ୍ଷକ ଓ ଆଇନପ୍ରଣେତା । ଯଦି ବାଡ଼ ଫସଲ ଖାଏ ବା ଆଇନ ରକ୍ଷକମାନେ ଭକ୍ଷକ ସାଜନ୍ତି ବା ବେଆଇନ କାର୍ଯ୍ୟ କରନ୍ତି, ତେବେ ତାଙ୍କୁ କିଏ ଦଣ୍ଡ ଦେବ ?

ବାସ୍ତବରେ ବଡ଼ବଡ଼ିଆ ଲୋକମାନେ ସାଧାରଣ ଜନତାଙ୍କୁ ଭକୁଆ ବନାଉଛନ୍ତି । ସେମାନେ ସାଧୁତା, ସଚ୍ଚୋଟତା କଥା କହିଲାବେଳେ ତା'ର ଠିକ୍ ବିପରୀତ କରୁଛନ୍ତି । କେବଳ ଭାରତ ନୁହେଁ, ବିଶ୍ୱବ୍ୟାପୀ ଏପରି ପୁଞ୍ଜିବାଦୀ ବ୍ୟବସ୍ଥା, ଶୋଷଣଭିତ୍ତିକ ଆର୍ଥିକ ବ୍ୟବସ୍ଥା କାର୍ଯ୍ୟ କରାଯାଇଛି । ଯେଉଁଠି ବଡ଼ ବଡ଼ିଆ ଲୋକମାନେ ତାଙ୍କ ଜୀବନକୁ ଉପଭୋଗ କରିବା ସହିତ ବିଶ୍ୱର ଅଧିକ ସମ୍ପଦର ମାଲିକ ହୋଇପାରିବେ, କଳାଟଙ୍କା ସୁରକ୍ଷିତ ଭାବେ ଅନ୍ୟ ଜାଗାରେ ନିରାପଦ ଭାବରେ ରଖିପାରିବେ । କ୍ଷମତାଶାଳୀମାନେ ତାଙ୍କ କ୍ଷମତାକୁ ନିରଙ୍କୁଶ କରିପାରିବେ । ଏପରି ହୋଇନଥିଲେ ବିଶ୍ୱର ଅର୍ଦ୍ଧେକ ସମ୍ପଦର ମାଲିକ କେବଳ ୬୨ ଜଣ ହୋଇନଥାନ୍ତେ । ଅର୍ଥାତ୍ ବିଶ୍ୱର ୩୫୦ କୋଟି ଜନତା ଯେତିକି ସମ୍ପଦର ଅଧିକାରୀ ୬୪% ଧନୀ ବ୍ୟକ୍ତି ସେତିକି ସମ୍ପଦର ଅଧିକାରୀ । ଭାରତର ୫୩% ସମ୍ପଦର ଅଧିକାରୀ ମାତ୍ର ୧% ଭାରତୀୟ । ୧୦% ଭାରତୀୟ ଦେଶର ତିନି ଚତୁର୍ଥାଂଶ ସମ୍ପଦର ମାଲିକ ଅଟନ୍ତି । ବିଶ୍ୱର ମୋଟ ଜିଡ଼ିପିର ପରିମାଣ ୭୫.୫୯ ଟ୍ରିଲିୟନ ଡଲାର ହୋଇଥିବାବେଳେ ଟ୍ୟାକ୍ସ ହାଭେନରେ ୨୧ରୁ ୩୨ ଟ୍ରିଲିୟନ ଡଲାର ଗଚ୍ଛିତ ଅଛି । ଏକଥା ୨୦୧୨ରେ ଟିକସ୍ ନ୍ୟାୟ ନେଟ୍‌ୱାର୍କ ରିପୋର୍ଟରେ ପ୍ରକାଶ ପାଇଥିଲା । କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଗାବ୍ରିଇଲ ଜକମ୍ୟାନଙ୍କ କହିବା ଅନୁଯାୟୀ, ବିଶ୍ୱ ବିତ୍ତୀୟ ସମ୍ପଦର ୮% ଅର୍ଥାତ୍ ୭.୬ ଟ୍ରିଲିୟନ ଡଲାର ଅଫସୋର ଟ୍ୟାକ୍ସ ହାଭେନ ବା ଦରିଆ ପାରି ଟିକସ ଆଶ୍ରୟସ୍ଥଳରେ ଗଚ୍ଛିତ ହୋଇ ରହିଛି । ଏହାର ଅର୍ଦ୍ଧେକ କେବଳ ବିକାଶଶୀଳ ଦେଶର ବଡ଼ବଡ଼ିଆ ରଖିଛନ୍ତି । ଟ୍ୟାକ୍ସ ହାଭେନ, ସେଲ କମ୍ପାନୀ, ଅଫସୋର ଆକାଉଣ୍ଟ ଆଦିର ସୃଷ୍ଟି କେବଳ ବଡ଼ ବଡ଼ିଆ କିପରି ଟିକସ ଫାଙ୍କି ତାଙ୍କର କଳାଟଙ୍କା ନିରାପଦରେ ରଖିପାରିବେ । ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କର ମଧ୍ୟ ଏହି ବ୍ୟବସ୍ଥା ପ୍ରତି ପରୋକ୍ଷରେ ସମର୍ଥନ ରହିଛି । ଯଦି ଆମେରିକାର ସାମାନ୍ୟ ଟିକେ କଥାରେ ବିଭିନ୍ନ ଦେଶ ଉପରେ ଆକ୍ରମଣ କରିପାରୁଛି, ଏହି ଟ୍ୟାକ୍ସ ହାଭେନକୁ କାହିଁକି ଧ୍ୱଂସ କରୁନି ? ସମୁଦ୍ରଠାରୁ ଟିକେ ଦୂରରେ ଅବସ୍ଥିତ ଅଞ୍ଚଳକୁ ଅଫସୋର କୁହାଯାଏ । ନିଜ ଦେଶର ସୀମା ବାହାରକୁ ଅଫସୋର ବା ଦରିଆପାରି କୁହାଯାଏ । ଅଫ୍‌ସୋର ନିବେଶ ଅତ୍ୟନ୍ତ ବିବାଦୀୟ, ଧୂସର ତଥା ମେଘାଚ୍ଛନ୍ନ । ଅଫ୍‌ସୋର କହିଲେ ବିଦେଶୀ ବ୍ୟାଙ୍କ, ବିଦେଶୀ କମ୍ପାନୀ ନିବେଶ, ଜମା ଆଦିକୁ ବୁଝାଇଥାଏ । ଯେଉଁଠି ମନି ଲଣ୍ଡରିଂଙ୍କୁ ପ୍ରଶ୍ରୟ ଦିଆଯାଏ । ଟିକସ୍ ଫାଙ୍କି କଳାଟଙ୍କା ରଖାଯାଏ । ଅଫ୍‌ସୋରରେ ଥିବା କମ୍ପାନୀକୁ ଅଫ୍‌ସୋର କମ୍ପାନୀ କୁହାଗଲା ବେଳେ ଅଫସୋରରେ ଥିବା ଆକାଉଣ୍ଟକୁ ଅଫ୍‌ସୋର ଆକାଉଣ୍ଟ କୁହାଯାଏ । ଅଫ୍‌ସୋରରେ ଥିବା ଟ୍ୟାକ୍ସ ହାଭେନକୁ ଅଫ୍‌ସୋର ଟ୍ୟାକ୍ସ ହାଭେନ କୁହାଯାଏ । ମନି ଲଣ୍ଡରିଂ କହିଲେ ବେଆଇନ ଭାବେ ଅର୍ଜିତ ଅର୍ଥ , ବିଶେଷକରି ଅପରାଧ, ସନ୍ତ୍ରାସବାଦ, ନିଶାଦ୍ରବ୍ୟ କାରବାର ଦ୍ୱାରା ଅର୍ଜିତ ଅର୍ଥକୁ ଆଇନ ଦୃଷ୍ଟିରୁ ବୈଧ ଭାବେ ଦର୍ଶାଇବା । ଟ୍ୟାକ୍ସ ହାଭେନ କହିଲେ ଏକ ଦେଶ, ରାଜ୍ୟ ବା ଅଞ୍ଚଳକୁ ବୁଝାଏ ; ଯେଉଁଠି ଆଦୌ ଟିକସ୍ ପଡ଼େନାହିଁ ବା ବହୁତ କମ୍ ପଡ଼େ । ଯେଉଁମାନେ ସେଠାରେ ଅର୍ଥ ରଖିଥାନ୍ତି ବା ସେଇ କମ୍ପାନୀରେ ନିବେଶ କରଥାନ୍ତି ତାଙ୍କ ନାମ ଗୋପନ ରଖାଯାଏ । ବିଶ୍ୱରେ ପାନାମା ପରି ୮୨ଟି ଟ୍ୟାକ୍ସ ହାଭେନ ରହିଛି । ସେଲ କମ୍ପାନୀ କହିଲେ ; ଯାହା କେବଳ କାଗଜ କଲମରେ ଥାଏ । ବାସ୍ତବରେ କୌଣସି ଅଫିସ୍ ନ ଥାଏ କି କୌଣସି କର୍ମଚାରୀ ନଥାନ୍ତି । ଏପରିକି ଏହା କୌଣସି ଦ୍ରବ୍ୟ ଉତ୍ପାଦନ କରିନଥାଏ । କିଛି ସେଲ୍ କମ୍ପାନିର ମାଲିକ ନାମ ଗୋପନୀୟ ରଖାଗଲାବେଳେ କିଛି ନାମ ପ୍ରକାଶ ପାଇଥାଏ । ଜଣେ ବ୍ୟକ୍ତି ଯଦି ସେଲ୍ କମ୍ପାନି ଖୋଲିବାକୁ ଚାହୁଁଥାଏ, ତେବେ ପ୍ରଥମେ ତାଙ୍କୁ ଏକ ଟ୍ୟାକ୍ସ ହାଭେନରେ ଏକ ରେଡ଼ିମେଡ଼ କମ୍ପାନି ବାଛିବାକୁ ପଡ଼ିଥାଏ ବା ଗୋଟିଏ ବା ଅଧିକ ନୂତନ କମ୍ପାନି ସୃଷ୍ଟି କରାଯାଏ । ଗୋଟିଏ ଟ୍ୟାକ୍ସ ହାଭେନରେ ଏହିପରି ହଜାର ହଜାର କମ୍ପାନି ରହିଛି, ଏକ ସେଲ୍ କମ୍ପାନି ବିଧିମୂଳକ । କିନ୍ତୁ ଏହା କଳାଟଙ୍କା ବା ବେଆଇନ ଭାବେ ଅର୍ଜିତ ଅର୍ଥକୁ ରଖିବା ପାଇଁ ବ୍ୟବହୃତ ହୋଇଥାଏ । ଯାହା ବେଆଇନ ଓ ଅବୈଧ ।

ଦୁଇଟି ଉପାୟରେ ଏହି ଟ୍ୟାକ୍ସ ହାଭେନ୍ ବା ବିଦେଶକୁ କଳାଟଙ୍କା ଯାଇଥାଏ । ପ୍ରଥମଟି ଆଭ୍ୟନ୍ତରୀଣ ରୁଟ୍ ବା ବ୍ୟବସ୍ଥା । ଦ୍ୱିତୀୟଟି ବାହ୍ୟରୁଟ୍ ବା ବ୍ୟବସ୍ଥା । ମନେକର, ଏକ କମ୍ପାନିର ମାଲିକ ବା ପୃଷ୍ଠପୋଷକ ତା'ର କମ୍ପାନିରୁ ୧୦ କୋଟି ଟଙ୍କା ବେଆଇନ ଭାବେ ନେଇ ଅନ୍ୟତ୍ର ବା ଟ୍ୟାକ୍ସ ହାଭେନ୍‌ରେ ରଖିବାକୁ ଚାହିଁଲା । ସେ ଟ୍ୟାକ୍ସ ହାଭେନକୁ ଗୋଟିଏ ବା ଅନେକ ସେଲ୍ କମ୍ପାନି ପ୍ରତିଷ୍ଠା କରି ସେହି କମ୍ପାନି ଆକାଉଣ୍ଟରେ ଟଙ୍କା ଜମା କରିବା ଯେହେତୁ ଜମାରାଶି ବହୁତ କମ୍, ଏହି ନିୟାମକର ଦୃଷ୍ଟି ପରିସର ଭିତରକୁ ଆସିବ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ରିବେରାଲାଜଡ଼୍ ରିମିଟାନ୍ସ ସ୍କିମ୍ ବା ଉଦାର ପ୍ରେରଣ ଯୋଜନା ଅନୁସାରେ ବାର୍ଷିକ ଜଣେ ଭାରତୀୟ ବିଦେଶକୁ ୨,୫୦,୦୦୦ ଡଲାର ପ୍ରେରଣ କରିପାରିବ । ସେହିପରି ଏକ କମ୍ପାନି ତା'ର ନେଟ୍‌ୱର୍ଥ ବା ସମ୍ପଦର ୪୦୦% ବିଦେଶରେ ନିବେଶ କରିପାରିବ । ବାହ୍ୟରୁଟ୍ ହେଉଛି ହାୱାଲା ରୁଟ୍ । ହାୱାଲା ଅର୍ଥ ବିଶ୍ୱାସ । ଏହା ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ବାହାରେ ବେଆଇନ ଭାବେ ବିଦେଶକୁ ଟଙ୍କା ପ୍ରେରିତ କରିବାର ଏକ ବିକଳ୍ପ ବ୍ୟବସ୍ଥା । ଏହାକୁ

ଅଣ୍ଡରଗ୍ରାଉଣ୍ଡ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ମଧ୍ୟ କୁହାଯାଏ । ଏହା ପ୍ରଥମେ ଦକ୍ଷିଣ ଏସିଆରୁ ଆରମ୍ଭ ହୋଇଥିଲା । ଏହି ବ୍ୟବସ୍ଥାରେ ହାୱାଲା ଏଜେଣ୍ଟ ବା ହାୱାଲାଦାର ଜରିଆରେ ଅର୍ଥ ପ୍ରେରଣ ହୋଇଥାଏ । ଏହା ଏକ ସମାନ୍ତରାଳ ବୈଦେଶିକ ମୁଦ୍ରା କାରବାର ବଜାର ବ୍ୟବସ୍ଥା । ଜଣେ ଟଙ୍କା ବିଦେଶକୁ ପଠାଇବାକୁ ଚାହୁଁଥିଲେ ସେ ପ୍ରଥମେ ହାୱାଲା ଏଜେଣ୍ଟ ସହିତ ସମ୍ପର୍କ ସ୍ଥାପନ କରେ । ସେ ଯେବେ ଅର୍ଥ ପଠାଇବାକୁ ଚାହେଁ ତାହା ହାୱାଲା ଏଜେଣ୍ଟକୁ ଦିଏ । ହାୱାଲା ଏଜେଣ୍ଟ ବିଦେଶରେ ଥିବା ଅନ୍ୟ ଏକ ହାୱାଲା ଏଜେଣ୍ଟ ସହିତ ସମ୍ପର୍କ ସ୍ଥାପନ କରେ । ଟଙ୍କା ପଠାଇବା ଲୋକର ଲକ୍ଷ୍ୟ ଅନୁଯାୟୀ, ବିଦେଶରେ ଥିବା ହାୱାଲା ଏଜେଣ୍ଟ ତାଙ୍କୁ ବୈଦେଶିକ ମୁଦ୍ରା ମାଧ୍ୟମରେ ଧାର୍ଯ୍ୟ ଲୋକଙ୍କୁ ବିଦେଶରେ ଦେଉଥାଏ ବା ବିଦେଶରେ ତା'ର ଆକାଉଣ୍ଟରେ ଜମା କରିଥାଏ । ଏଥିପାଇଁ ପ୍ରେରିତ ଅର୍ଥର ୨% କମିସନ୍ ବା ଫିସ୍ ବାବଦରେ ହାୱାଲା ଅପରେଟର ନେଇଥାନ୍ତି । ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ଅନୁମେୟ ଯେ, କଳାଟଙ୍କା ବା ବେଆଇନ କଳାଟଙ୍କା ନିରାପଦ ଭାବେ ରଖିବା ପାଇଁ ଅନେକ ବ୍ୟବସ୍ଥା ରହିଛି ।

ଏହି ପାନାମା ପ୍ରଘଟ ପରେ କେଉଁ ଭାରତୀୟମାନେ ସମ୍ପୃକ୍ତ, କେଉଁମାନେ ଦୋଷୀ ତାଙ୍କୁ ଲୋକଲୋଚନକୁ ଅଣାଯିବା ସହିତ ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି, ଯାହା ଧର୍ମକୁ ଆଖିଠାର ।

ଆମ ଦେଶରେ କଳାଧନ ଉଦ୍ଧାର ପାଇଁ ଅନେକ ଆଇନ ରହିଛି ଏବଂ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଛି । କିନ୍ତୁ ସେ କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ । ଅସଲ ଲୋକଙ୍କୁ କେହି ହାତ ମାରୁନାହାନ୍ତି । ଆୟକର ଆଇନ ୧୯୬୧ ଅନୁସାରେ, ବିଦେଶରେ କଳାଧନ ରଖିବାକୁ ଅପରାଧ ବୋଲି ଧରାଯାଉଥିଲା । ସେହିପରି ବିଦେଶକୁ ବୈଦେଶିକ ମୁଦ୍ରାର ବହିଃସ୍ରୋତ ନିୟନ୍ତ୍ରଣ ପାଇଁ ବିଦେଶୀ ବିନିମୟ ନିୟମ ଆଇନ (ଫେରା) କାର୍ଯ୍ୟ କରାଯାଉଥିଲା ପରେ ଏହା ବଦଳରେ ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ୧୯୯୯ରେ କାର୍ଯ୍ୟକାରୀ କରାଗଲା । ୧୯୯୭ରେ ପି. ଚିଦାମ୍ବରମ୍ କେନ୍ଦ୍ର ଅର୍ଥମନ୍ତ୍ରୀ ଥିବାବେଳେ ଟିକସ କ୍ଷମା ଯୋଜନା ଘୋଷଣା କରିଥିଲେ । ସେତେବେଳେ ୧୦,୦୦୦ କୋଟି ଟଙ୍କା ଆଦାୟ ହୋଇଥିଲା । ପୁନଶ୍ଚ ୨୦୦୨ରେ ମନି ଲଣ୍ଡରିଂକୁ ଅପରାଧ ବା ବିଦେଶରେ କଳାଟଙ୍କା ରଖିବା ବା ଟିକସ ଫାଙ୍କିବାକୁ ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ-୨୦୦୨ ଅନୁସାରେ ଅପରାଧ ଭାବେ ବିବେଚନା କରାଗଲା । ୨୦୧୪ରେ କେନ୍ଦ୍ର ସରକାର କଳାଧନ ଉଦ୍ଧାର ପାଇଁ ସ୍ୱତନ୍ତ୍ର ଯାଞ୍ଚ କମିଟି (ଏସ୍ଆଇଟି) ଗଠନ କରିଛନ୍ତି । ଏହି କମିଟି ଅନୁସାରେ ବିଦେଶରେ କଳାଟଙ୍କା ରଖିବା ଏକ ଅପରାଧ ତଥା ବେଆଇନ କାର୍ଯ୍ୟ । ୨୦୧୫ରେ କେନ୍ଦ୍ର ସରକାର କଳାଧନ ଉଦ୍ଧାର ପାଇଁ ଏକ କ୍ଷମା ଯୋଜନା ଘୋଷଣା କରିଥିଲେ । ଯେଉଁମାନେ ତାଙ୍କର କଳାଟଙ୍କା ଦର୍ଶାଇଥିଲେ ସେମାନଙ୍କୁ ଟିକସ ୩୦% ଏବଂ ଅର୍ଥଦଣ୍ଡ ହିସାବରେ ଆଉ ୩୦% ଦେବାକୁ ପଡ଼ିଥିଲା । ମୋଟ ଉପରେ ୪୧୪୭ କୋଟି ଟଙ୍କା ଘୋଷଣା ହୋଇଥିଲା ବୋଲି ସରକାର ୨୫୦୦ କୋଟି ଟଙ୍କା ପାଇଥିଲେ । ୨୦୧୫ରେ ସରକାର ବ୍ଲାକ୍ ମନି (ଅନ୍‌ଡିସ୍‌କ୍ଲୋଜ୍‌ଡ଼ ଫରେନ୍ ଇନକମ୍ ଆଣ୍ଡ ଆସେଟ୍ସ ଆଣ୍ଡ ଇମ୍ପୋଜିସନ ଅଫ୍ ଟ୍ୟାକ୍ସ ଆକ୍ଟ ୨୦୧୫) ପ୍ରଣୟନ କରିଛନ୍ତି । ଏହି ନିୟମ ଅନୁସାରେ ଯଦି କେହି ବିଦେଶରେ ଅର୍ଥ ଲୁଚାଇ ରଖିଥାଏ, ତେବେ ତାଙ୍କୁ ୧୨୦% ହାରରେ ଟିକସ୍ ତଥା ୧୦ ବର୍ଷ ଜେଲଦଣ୍ଡ ପାପ୍ତ ହେବ । ବର୍ତ୍ତମାନ ପାନାମା ପେପରରେ ଅମିତାଭ ବଚ୍ଚନଙ୍କ ପରି ଯେଉଁ ଭାରତୀୟମାନଙ୍କ ନାମ ଶୁଣାଯାଉଛି ଯଦି ସେମାନେ ସରକାରଙ୍କୁ ନ ଜଣାଇ ବା ନିୟମ ବାହାରେ ଅର୍ଥ ରଖିଛନ୍ତି ତେବେ ଉପରୋକ୍ତ ଦଣ୍ଡରେ ଦଣ୍ଡିତ ହେବା ଉଚିତ୍ । କିନ୍ତୁ ସରକାର କେବଳ କିଛି ଛୋଟ ମାଛ ଧରିପାରନ୍ତି । ବଡ଼ ମାଛ ଧରିବାକୁ ସତ୍‌ସାହସ ନାହିଁ । ଆଇନ୍ ପ୍ରଣେତା ଆଜି ଆଇନ ଭାଙ୍ଗୁଛନ୍ତି । ବଡ଼ ବଡ଼ିଆଙ୍କ ଏତେ ଦେଶପ୍ରେମ ଯେ, ଭାରତରେ ଟଙ୍କା ନ ରଖି ବିଦେଶରେ ଆଇନ ଭାବେ ବା ବେଆଇନ ଭାବେ ରଖିଛନ୍ତି । ଏ ଲୁଣ୍ଠନକୁ କିଏ ରୋକିବ ?

ସୌଜନ୍ୟ : ପ୍ରମେୟ

❖ ❖ ❖

## ୧୨ ପୃଷ୍ଠାର ଅବଶିଷ୍ଟାଂଶ

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଘଟଣା ଏବଂ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ର ରୋହିତ ଭେମୁଲାଙ୍କ ଆତ୍ମହତ୍ୟା ପରେ ଦେଶରେ ଜାତୀୟତାବାଦ କ'ଣ ଏହି ବିତର୍କ ଚାଲିଥିଲା ବେଳେ ମୋଦି ସରକାରଙ୍କର ସଂସଦୀୟ ବ୍ୟାପାର ମନ୍ତ୍ରୀ ଭେଙ୍କିଆ ନାଇଡୁ କହି ପକାଇଲେ – ଯୁକ୍ତରାଷ୍ଟ୍ର ଆମେରିକାର କୌଣସି ବିଶ୍ୱବିଦ୍ୟାଳୟରେ ଓସାମା ବିନ୍ ଲାଡ଼େନକୁ ସମର୍ଥନା ଦେବା ପାଇଁ ଅନୁମତି ମିଳିବ ନାହିଁ । ଭେଙ୍କିଆ ନାଇଡୁଙ୍କର ଏହି କଥାରେ ଜବାବ ଦେବାକୁ ଯାଇ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ଖ୍ରୀଷ୍ଟୋଫର ଏଲ.ଏଆଇସଗ୍ରବେର କହିଛନ୍ତି : 'ବିଶ୍ୱବିଦ୍ୟାଳୟ ହେଉଛି ଗୋଟିଏ ସ୍ଥାନ ଯେଉଁଠି ସ୍ୱାଧୀନ ଭାବେ ଚିନ୍ତା କରିବା ଦେଇ ଜ୍ଞାନର ଅଗ୍ରଗତି ଘଟିଥାଏ । ତାହା ଯେତେ ବିପଦଜନକ, ଅସୁଖୀକର ଏବଂ ଅରୁଚିକର ହେଲେ ମଧ୍ୟ ଜ୍ଞାନର ପରିସୀମା ବ୍ୟାପକରୁ ବ୍ୟାପକତର କରିବା ପାଇଁ ସତ୍ୟ ଖୋଜି ବାହାର କରିବାର ଉପଯୁକ୍ତ କ୍ଷେତ୍ର ହିଁ ହେଉଛି ବିଶ୍ୱବିଦ୍ୟାଳୟ ।' ତେଣୁ ଉଦାହରଣ ସ୍ୱରୂପ ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟ ସଭାପତି କହିଛନ୍ତି : **"no disciplinary action would be taken against any speech even if he is urged to do so, speech must be addressed with more speech"**. ତାଙ୍କୁ ଯେତେ ବାଧ୍ୟ କରାଗଲେବି ସେ ଭାଷଣ ପାଇଁ କାହା ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ । ଭାଷଣର ଉତ୍ତର ଭାଷଣ ହିଁ ହେବ । ବାକ୍ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇବା ପରିବର୍ତ୍ତେ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟ ସେପରି ସ୍ୱାଧୀନତା ଅଧିକରୁ ଅଧିକ ଦେଇ ସତ୍ୟ କ'ଣ ତାହା ବାହାରି ଆସୁ ବୋଲି ଚାହେଁ ।

ଆର.ଏସ.ଏସ. ଏବଂ ବିଜେପି ସରକାର ଯେଉଁ ଆଭିମୁଖ୍ୟ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ଆକ୍ରମଣ କରୁଛନ୍ତି ତା ପଛରେ ସେମାନଙ୍କର ଏକ ହୀନ ଉଦ୍ୟମ ରହିଛି । ଯେଉଁ 'ବିକାଶ'ର ପ୍ରତିଶ୍ରୁତି ଦେଇ ସେମାନେ କ୍ଷମତାକୁ ଆସିଥିଲେ ଗତ ୨୩ ମାସ ମଧ୍ୟରେ ତାହା ଏକ ପ୍ରତାରଣା ଥିଲା, ଏହି କଥା ଲୋକେ ବୁଝିଲେଣି । ତେଣୁ ବିକାଶ ଛାଡ଼ି ସେମାନେ ଲୋକଙ୍କୁ ଧର୍ମ ଓ ଜାତୀୟତାବାଦ ଆଦି ପ୍ରସଙ୍ଗ ଉଠାଇ ଭାଗ ଭାଗ କରିବାକୁ ଚେଷ୍ଟିତ । ସେମାନଙ୍କର ଚେଷ୍ଟାକୁ ପଣ୍ଡ କରିବାକୁ ପଡ଼ିବ ।

❖ ❖ ❖

## ଲେଖା ପଠାଇବାକୁ ଅନୁରୋଧ

ଆଗାମୀ ଜୁଲାଇ ସଂଖ୍ୟା ପାଇଁ ଜୁନ୍ ୧୦ ସୁଦ୍ଧା ଲେଖା ପଠାଇବାକୁ ଅନୁରୋଧ । ଓଡ଼ିଶାରେ ଥିବା **AIIEA** ର ୫ଟି ଡିଭିଜନାଲ୍ ୟୁନିଟ୍‌ର ସାଧାରଣ ସମ୍ପାଦକଙ୍କୁ ଅନୁରୋଧ ଯେପରି ତାଙ୍କ ଡିଭିଜନାଲ୍ ୟୁନିଟ୍‌ରୁ ଲେଖା ଠିକ୍ ସମୟରେ ସମ୍ପାଦକଙ୍କର ହସ୍ତଗତ ହୁଏ ସେଥିପାଇଁ ବିହିତ ପଦକ୍ଷେପ ନେବେ ।



# ପଶ୍ଚିମବଙ୍ଗ ବିଧାନ ସଭା ନିର୍ବାଚନ

ନବକିଶୋର ବେହେରା
ସି.ଡ଼ି.ଆଇ.ଇ.ଏ., ଭଦ୍ରକ ବେସ୍ ୟୁନିଟ୍

ଚଳିତ ବର୍ଷ ଅପ୍ରେଲ୍ ୪ ତାରିଖଠାରୁ ଆରମ୍ଭ କରି ମେ ୧୬ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ସମେତ ଦେଶର ୫ଟି ପ୍ରମୁଖ ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଉଛି । ପଶ୍ଚିମବଙ୍ଗ ଛଡ଼ା ଅନ୍ୟ ଯେଉଁ ୪ଟି ରାଜ୍ୟରେ ନିର୍ବାଚନ ହେଉଛି ସେଗୁଡ଼ିକ ହେଲା ଆସାମ, କେରଳ, ତାମିଲନାଡୁ ଓ ପୁଡୁଚେରୀ । ମେ ୧୯ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଏସବୁ ରାଜ୍ୟର ନିର୍ବାଚନ ଫଳାଫଳ ସମ୍ପୃକ୍ତ ରାଜ୍ୟର ରାଜନୈତିକ ଦୃଶ୍ୟପଟକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଜାତୀୟ ରାଜନୀତିରେ ମଧ୍ୟ ଅନେକ ପରିବର୍ତ୍ତନ ଆଣିବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଛି ।

ଏହି ୫ଟି ରାଜ୍ୟଗୁଡ଼ିକ ମଧ୍ୟରୁ କେରଳ ଓ ପଶ୍ଚିମ ବଙ୍ଗର ବିଧାନ ସଭା ନିର୍ବାଚନ ବାମପନ୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି । କାରଣ ଏହି ନିର୍ବାଚନରେ କେରଳରେ ବାମପନ୍ଥୀ ନେତୃତ୍ୱାଧିନ L.D.F. ସରକାର ଓ ପଶ୍ଚିମବଙ୍ଗରେ ବାମପନ୍ଥୀ କଂଗ୍ରେସ ମେଣ୍ଟ ସରକାର ଗଠିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହା ହେଲେ ଦେଶରେ ବାମପନ୍ଥୀମାନଙ୍କର ଶକ୍ତିବୃଦ୍ଧି ହେବା ସଙ୍ଗେ ସଙ୍ଗେ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଅଧିକ ଶକ୍ତିଶାଳୀ ହେବ । ପଶ୍ଚିମବଙ୍ଗରେ ୨୯୪ଟି ବିଧାନ ସଭା ଆସନ ପାଇଁ ୬ଟି ପର୍ଯ୍ୟାୟରେ (ଅପ୍ରେଲ୍ ୪, ୧୧,୧୭,୨୧,୨୫ ଓ ମେ ୫) ଭୋଟ ଗ୍ରହଣ ହୋଇଛି । ନିର୍ବାଚନରେ ଶାସକ ତୃଣମୂଳ କଂଗ୍ରେସ ଓ ବିରୋଧୀ ବାମପନ୍ଥୀ କଂଗ୍ରେସ ମେଣ୍ଟ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦିତା ହେଉଛି । ଭାରତୀୟ ଜନତା ପାଟିର ସ୍ଥିତି ନଗଣ୍ୟ ରହିଛି । ଉକ୍ତ ନିର୍ବାଚନରେ ରାଜ୍ୟରେ ଅଗଣତାନ୍ତ୍ରିକ ତୃଣମୂଳ ସରକାରକୁ ପରାସ୍ତ କରିବା ପାଇଁ କଂଗ୍ରେସ ଓ ବାମପନ୍ଥୀ ଦଳ ମଧ୍ୟରେ ନିର୍ବାଚନି ବୁଝାମଣା ହୋଇଛି । ତୃଣମୂଳ ବିରୋଧୀ ଭୋଟକୁ ବିଭାଜନ କରିବାକୁ ନ ଦେବା ଏବଂ କେତେଗୁଡ଼ିଏ ସର୍ବନିମ୍ନ ସାଧାରଣ କାର୍ଯ୍ୟକ୍ରମ ଭିତ୍ତିରେ ରାଜ୍ୟରେ ସୁଶାସନ ପ୍ରତିଷ୍ଠା କରବା ଏହି ବୁଝାମଣାର ଉଦ୍ଦେଶ୍ୟ ବାମପନ୍ଥ ଦଳ ଓ କଂଗ୍ରେସର ଏହି ମେଣ୍ଟ ତୃଣମୂଳ ମୁଖ୍ୟ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଆତଙ୍କିତ କରିଛି । ସେ ଏହାକୁ ଏକ ଆଦର୍ଶହୀନ ମେଣ୍ଟ ବୋଲି ଅଭିହିତ କରିଛନ୍ତି । ପୁଣି ଭୋଟ ଜାଲିଆତିକୁ ରୋକିବା ପାଇଁ ଅନୁଷ୍ଠିତ ହେଉଥିବା ୬ ପର୍ଯ୍ୟାୟ ବିଶିଷ୍ଟ ଭୋଟଗ୍ରହଣକୁ ମଧ୍ୟ ସୁଶ୍ରୀ ବାନାର୍ଜୀ ସହଜରେ ଗ୍ରହଣ କରିପାରିନାହାଁନ୍ତି । ପଡ଼ୋଶୀ ରାଜ୍ୟ ଆସାମରେ ୨ ପର୍ଯ୍ୟାୟ ବିଶିଷ୍ଟ ନିର୍ବାଚନ ହେଉଥିବାବେଳେ ପଶ୍ଚିମବଙ୍ଗରେ କାହିଁକି ୬ ପର୍ଯ୍ୟାୟ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି ।

ବିଗତ ୫ ବର୍ଷର ତୃଣମୂଳ ଶାସନର କୁଶାସନ ଓ ବିଫଳତାକୁ ବାମପନ୍ଥୀ ଓ କଂଗ୍ରେସ ପକ୍ଷରୁ ନିର୍ବାଚନୀ ପ୍ରସଙ୍ଗ କରାଯାଇଛି । ବିଗତ ୫ ବର୍ଷ ମଧ୍ୟରେ ତୃଣମୂଳ ଶାସନ କାଳରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି । ନାଗରିକ ମାନଙ୍କର ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଛି । ହତ୍ୟା, ଡକାୟତି, ମହିଳାମାନଙ୍କ ପ୍ରତି ପାଶବିକ ଅତ୍ୟାଚାର ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି । ରାଜ୍ୟରେ ଜଙ୍ଗଲ ରାଜ୍ ପ୍ରତିଷ୍ଠିତ ହୋଇଛି । ରାଜ୍ୟ ପୁଲିସ୍ ବାହିନୀ ତୃଣମୂଳ କଂଗ୍ରେସର ଏକ ଅଂଶ ବିଶେଷ ଭାବରେ କାର୍ଯ୍ୟ କରିଛି । ରାଜ୍ୟରେ ମ୍ୟୁନିସିପାଲିଟି ଓ ପଞ୍ଚାୟତ ନିର୍ବାଚନମାନଙ୍କରେ ବ୍ୟାପକ ହିଂସାକାଣ୍ଡ ଘଟିଛି । ଶାସକ ତୃଣମୂଳ କଂଗ୍ରେସର କର୍ମୀମାନଙ୍କଦ୍ୱାରା ବ୍ୟାପକ **Booth Capturing** ଓ **Vote Rigging** ହୋଇଛି । ବିଗତ ୫ ବର୍ଷ ମଧ୍ୟରେ **CPI(M)** ର ଅନେକ ନେତା ଓ କର୍ମୀମାନଙ୍କୁ ହତ୍ୟା କରାଯାଇଛି । ଦଳୀୟ କାର୍ଯ୍ୟାଳୟଗୁଡ଼ିକୁ ପୋଡ଼ି ଦିଆଯାଇଛି । ଏପରିକି **CPI (M)** ରାଜ୍ୟ ସମ୍ପାଦକ ସୂର୍ଯ୍ୟକାନ୍ତ ମିଶ୍ର ତାଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏକ ଶାନ୍ତିପୂର୍ଣ୍ଣ ରାଲିରେ ଥିବାବେଳେ ତାଙ୍କ ଉପରେ ଆକ୍ରମଣ ହୋଇଛି । ବାମଫ୍ରଣ୍ଟ ଚେୟାରମ୍ୟାନ୍ ବିମାନ ବସୁଙ୍କ ଉପରେ ମଧ୍ୟ କଲିକତାଠାରେ ଏକ ଶୋଭାଯାତ୍ରା ବେଳେ ଆକ୍ରମଣ ହୋଇଛି ଓ ସେ ଆହତ ହୋଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ଚଳିତ ବିଧାନ ସଭାର ନିର୍ବାଚନ ଆଚରଣ ବିଧି ଲାଗୁ ପରେ ମଧ୍ୟ କେତେକ ତୃଣମୂଳ ନେତା ବିବାଦୀୟ ମନ୍ତବ୍ୟ ଦେଇ ଚାଲିଛନ୍ତି । ନିକଟରେ ବୀରଭୂମ ଜିଲ୍ଲାର ତୃଣମୂଳ ସଭାପତି ଅନୁବ୍ରତ ମଣ୍ଡଳ ତୃଣମୂଳ କର୍ମୀମାନଙ୍କୁ ଆହ୍ୱାନ ଦେଇକହିଛନ୍ତି ଯେ ଯେଉଁ ଉପାୟ ଅବଲମ୍ବନ କରି (ଭୋଟ ଜାଲିଆତି) ଆମେ ବିଗତ ମ୍ୟୁନିସିପାଲିଟି ଓ ପଞ୍ଚାୟତ ନିର୍ବାଚନ ଜିତିଲେ ସେହି ଉପାୟ ଅବଲମ୍ବନ କରି ଆମେ ବିଧାନ ସଭା ନିର୍ବାଚନ ଜିତିବା । ପୁଣି ତୃଣମୂଳ ମୁଖ୍ୟ ମମତା ବାନାର୍ଜୀଙ୍କ ପୁତୁରା ତଥା **MP** ଅଭିଷେକ ବାନାର୍ଜୀ ଏକ ନିର୍ବାଚନ ସଭାରେ କହିଛନ୍ତି ଯେ ଯଦି ତୃଣମୂଳ ପୁଣି କ୍ଷମତାକୁ ଫେରେ ତେବେ ନିର୍ବାଚନ ଫଳାଫଳ ଘୋଷଣା ଦିନ (ମେ ୧୯) ବିରୋଧୀ ଜନନେତାଙ୍କ ଉପରେ ପ୍ରତିଶୋଧ ନିଆଯିବ । ଏ ଦୁଇ ନେତାଙ୍କୁ ଗିରଫ କରିବାକୁ ନିର୍ବାଚନ କମିଶନଙ୍କଠାରେ **CPI(M)** ଓ କଂଗ୍ରେସ ତରଫରୁ ଦୃଢ଼ ଦାବି ଉତ୍ଥାପନ କରାଯାଇଛି ।

ବିଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପ ବିକାଶ ଶୂନ ରହିଛି । କର୍ମନିଯୁକ୍ତି ନାହିଁ । ବେକାରୀ ବଢ଼ିବା ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା କାରଣରୁ କୌଣସି ଶିଳ୍ପପତି ପୁଞ୍ଜି ନିବେଶ ପାଇଁ ରାଜ୍ୟକୁ ଆସୁନାହାଁନ୍ତି । ରାଜ୍ୟରେ କେବଳ ଗୋଟିଏ ଶିଳ୍ପ ଗଢ଼ିଉଠିଛି ତାହା ହେଲା ଦେଶୀ ହାତବୋମା ତିଆରି କାରଖାନା – ଯାହା କେବଳ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ କରିବା ପାଇଁ ଉଦ୍ଦିଷ୍ଟ ।

ସର୍ବୋପରି ରାଜ୍ୟରେ ଦୁର୍ନୀତିର ମାତ୍ରା ସର୍ବକାଳୀନ ରେକର୍ଡ଼କୁ ଟପିଯାଇଛି । ଶାରଦା ଚିଟ୍‌ଫଣ୍ଡ କମ୍ପାନୀର ଦୁର୍ନୀତି ସାରା ରାଜ୍ୟ ତଥା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଶାରଦା ଚିଟ୍ ଫଣ୍ଡ କମ୍ପାନୀ ମାଧ୍ୟମରେ ରାଜ୍ୟର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କର କଷ୍ଟାର୍ଜିତ ବହୁକୋଟି ଟଙ୍କାର ପୁଞ୍ଜିକୁ ହଡ଼ପ୍ କରାଯାଇଛି । ଏଥିରେ ତୃଣମୂଳ କଂଗ୍ରେସର ବହୁ ପ୍ରଭାବଶାଳୀ ନେତା ଓ ମନ୍ତ୍ରୀ ସମ୍ପୃକ୍ତ ଥିବାର ପ୍ରମାଣ ମିଳିଛି । ଘଟଣାର **C.B.I.** ତଦନ୍ତ ହେଉଛି । ତୃଣମୂଳର ରାଜ୍ୟ ସଭା **MP** କୁନାଲ୍ ଘୋଷ୍ ଓ ପୂର୍ବତନ ରାଜ୍ୟ ପରିବହନ ମନ୍ତ୍ରୀ ମଦନ ମିତ୍ରଙ୍କୁ ଜେଲ୍ ଯିବାକୁ ପଡ଼ିଛି । ସାହାରା କମ୍ପାନୀର ମୁଖ୍ୟ ସୁବ୍ରତ ରାୟ ମଧ୍ୟ ଜେଲ୍ ଯାଇଛନ୍ତି । କିନ୍ତୁ ତୃଣମୂଳ ମୁଖ୍ୟ ମମତା ବାନାର୍ଜୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କମଧ୍ୟରେ ମ୍ୟାଚ୍ ଫିକସିଂ ହୋଇ ଏହି **CBI** ତଦନ୍ତକୁ ମନ୍ଥର କରିଦିଆଯାଇ ଥିବା ଅଭିଯୋଗ ହୋଇଛି ।

ଚଳିତ ନିର୍ବାଚନ ସମୟରେ ଆଉ ଏକ ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି । ତାହା ରାଜ୍ୟର ନିର୍ବାଚନ ବାତାବରଣକୁ ସମ୍ପୂର୍ଣ୍ଣ ଭାବେ ସରଗରମ କରି ରଖିଛି । ତୃଣମୂଳ କଂଗ୍ରେସର ୧୧ ଜଣ ଏକ ବିବାଦୀୟ କମ୍ପାନୀଠାରୁ ଜଣକ ପିଛା ୫ ଲକ୍ଷ ଲେଖାଏଁ **CASH** ନେଉଥିବା ବେଳେ **''Narada News''** ନାମକ ଏକ **News Agency** ର ଏକ **Sting Operation** ବେଳେ ଧରା ପଡ଼ିଯାଇଛନ୍ତି । ଏହି ୧୧ ଜଣ ମଧ୍ୟରେ ଅଛନ୍ତି ତୃଣମୂଳର କିଛି ସର୍ବୋଚ୍ଚ ନେତା, ରାଜ୍ୟମନ୍ତ୍ରୀ ଓ ସାଂସଦ ।

ଏସବୁ ଘଟଣା ପ୍ରମାଣ କରୁଛି ଯେ ନାରଦ ନ୍ୟୁଜ୍‌ର ଷ୍ଟିଙ୍ଗ ଅପରେସନ ଘଟଣା ସତ୍ୟ ଉପରେ ପର୍ଯ୍ୟବେସିତ । 'ମା–ମାଟି–ମାନୁଷ୍'ର ଦଳ ତୃଣମୂଳ କଂଗ୍ରେସ ପ୍ରକୃତରେ 'ମା–ମାଟି–ମନି'ର ଦଳ ହୋଇଛି ଓ "Any time Money" ର ଦଳ ବୋଲି ଅଭିଯୋଗ କରିଛନ୍ତି **CPI (M) M.P.** ମହମ୍ମଦ ସଲିମ୍ ।

ମେ ମାସ ୧୯ ତାରିଖ ଦିନ ନିର୍ବାଚନ ଫଳାଫଳ ଘୋଷଣା ପରେ ରାଜ୍ୟରେ ରାଜନୈତିକ ଦୃଶ୍ୟପଟ ସମ୍ପୂର୍ଣ୍ଣ ବଦଳିଯିବ ଓ ରାଜ୍ୟରେ ବାମପନ୍ଥୀ କଂଗ୍ରେସ ମେଣ୍ଟକୁ ପଶ୍ଚିମବଙ୍ଗବାସୀ ବିପୁଳ ଭୋଟରେ ବିଜୟୀ କରାଇ କ୍ଷମତାସୀନ କରାଇବେ ବୋଲି ଦୃଢ଼ ଆଶାପୋଷଣ କରିଛନ୍ତି **C.P.I.(M)** ର ରାଜ୍ୟ ସମ୍ପାଦକ ଡ: ସୂର୍ଯ୍ୟକାନ୍ତ ମିଶ୍ର ।

❖ ❖ ❖



# ସ୍ୱାଧିନଭାବେ ଚିନ୍ତା କରିବାର ସ୍ଥାନ ହେଉଛି ବିଶ୍ୱବିଦ୍ୟାଳୟ

ଗଜେନ୍ଦ୍ରନାଥ ମହାନ୍ତି, ଉପସଭାପତି
ଅଲ୍ ଇଣ୍ଡିଆ ଏଲ୍.ଆଇ.ସି. ପେନସନରସ୍ ଆସୋସିଏସନ୍

ବିଶ୍ୱର ୧୪୫ଟିଦେଶର ଛାତ୍ର ଅଧ୍ୟୟନ କରୁଥିବା ଆମ ଦେଶର ଗୌରବବର୍ଦ୍ଧନକାରୀ ବିଶ୍ୱବିଦ୍ୟାଳୟ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର ଛାତ୍ର ୟୁନିୟନର ସଭାପତି କହ୍ନେୟା କୁମାରଙ୍କୁ ଫେବୃଆରୀ ୯ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରୁ ଗିରଫ କରାଯାଇଥିଲା । ଭାରତୀୟ ପିଙ୍ଗଳ କୋର୍ଡ଼ (ଆଇ.ପି.ସି.)ର ୧୨୪ (କ) ଧାରାର 'ଦେଶଦ୍ରୋହ' ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିଲା । ମାର୍ଚ୍ଚ ୩ ତାରିଖରେ ତାଙ୍କୁ ୬ ମାସ ପାଇଁ ସର୍ତ୍ତମୂଳକ ଜାମିନ ଦିଆଯାଇଛି । ସେହି ବିଶ୍ୱବିଦ୍ୟାଳୟର ଆଉ ଯେଉଁ ଦୁଇଜଣ ଛାତ୍ର ଉମର ଖଲିଦ ଏବଂ ଅନିର୍ବାଣ ଭଟ୍ଟାଚାର୍ଯ୍ୟଙ୍କୁ ସେହି ଗୋଟିଏ ଘଟଣା ପାଇଁ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା – ସେମାନେ ବି ଜାମିନରେ ଖଲାସ ହୋଇଛନ୍ତି ।

ଜେ.ଏନ୍.ୟୁ.ର ସଭାପତିଙ୍କୁ ଏପରି 'ଦେଶଦ୍ରୋହ' ଅଭିଯୋଗରେ ଗିରଫ କରାଯିବାର କେଇ ସପ୍ତାହ ପୂର୍ବରୁ ଅନ୍ୟତମ ପ୍ରଖ୍ୟାତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଦଳିତ ଛାତ୍ର ରୋହିତ ଭେମୁଲାଙ୍କୁ ଆତ୍ମହତ୍ୟା କରିବାକୁ ପଡ଼ିଥିଲା । କହ୍ନେୟା କୁମାରଙ୍କ ଗିରଫ ଏବଂ ରୋହିତ ଭେମୁଲାଙ୍କ ଆତ୍ମହତ୍ୟାରୁ ଦେଶବାସୀଙ୍କୁ ଯେଉଁ ଲୋମହର୍ଷଣକାରୀ ସନ୍ଦେଶ ଦିଆଯାଉଛି ତାହା ହେଉଛି –କେନ୍ଦ୍ରରେ କ୍ଷମତାରେ ଥିବା ବିଜେପି ଓ ତାର ମେଣ୍ଟର ତାତ୍ତ୍ୱିକ ଜନକ ଆର.ଏସ.ଏସ.ର ଦୃଷ୍ଟିଭଙ୍ଗୀକୁ ବିରୋଧ କରୁଥିବା ଭଳି ଯେ କୌଣସି ଦୃଷ୍ଟିଭଙ୍ଗୀ ଉପରେ ରାଷ୍ଟ୍ରଦ୍ରୋହର ମୋହର ଦିଆଯିବ ଏବଂ ତାକୁ ବରଦାସ୍ତ କରାଯିବ ନାହିଁ । ଶାସନ କ୍ଷମତାରେ ଥିବା ବିଜେପି ଏବଂ ତାର ଜନକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଦୃଷ୍ଟିଭଙ୍ଗୀ କ'ଣ ? ନିକଟରେ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ୍ ଆର.ଏସ.ଏସ.ର ମତବାଦକୁ ଇରାକ ଓ ସିରିଆରେ ସୃଷ୍ଟି ହୋଇଥିବା ଇସ୍‌ଲାମିକ୍ ଷ୍ଟେଟର ମତବାଦ ସହିତ ତୁଳନା କରିବାରୁ ଦେଶରେ ତୁମିତୋଫାନ ସୃଷ୍ଟି ହେଲା । ସେହି ପ୍ରସଙ୍ଗରେ ସମ୍ପାଦକୀୟ ମନ୍ତବ୍ୟ ରଖିବାକୁ ଯାଇ ଇଂରାଜୀ ଦୈନିକ 'ଦି ଟାଇମସ୍ ଅଫ୍ ଇଣ୍ଡିଆ' (୧୬ ମାର୍ଚ୍ଚ, ୨୦୧୬) କିଛି ଦିନ ତଳେ ଲେଖିଛି – ଆର.ଏସ.ଏସ.କୁ ଇସ୍‌ଲାମିକ୍ ଷ୍ଟେଟ ପରି ସଙ୍ଗଠନ ସହିତ ତୁଳନା କରାଯାଇପାରିବ ନାହିଁ –କିନ୍ତୁ ତାର ହିନ୍ଦୁତ୍ୱ ଏଜେଣ୍ଡା ସିକୁଲାର (ଧର୍ମନିରପେକ୍ଷ) ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ପରିପନ୍ଥୀ ।

'ଦି ଟାଇମସ୍ ଅଫ୍‌ଇଣ୍ଡିଆ'୨୦୧୪ରେ ବିଜେପିର ବିଜୟକୁ ସ୍ୱାଗତ କରିବାକୁ ଯାଇ ମୋଦିଙ୍କୁ ''man of the moment'' (ସମୟୋପଯୋଗୀ ମଣିଷ) ବୋଲି ସମ୍ବୋଧନ କରିଥିଲା । ସେହିପରି ଏକ ଗୁଣମୁଗ୍ଧ ସମ୍ବାଦପତ୍ର ମୋଦିଙ୍କ ଆଦର୍ଶର ଅବତାର ଆର.ଏସ.ଏସ.କୁ ମୁସଲିମ୍ ବ୍ରଦରହୁଡ ସହିତ ତୁଳନା କରିବାକୁ ଯାଇ ଲେଖୁଛି – ଆର.ଏସ.ଏସ. ଏବଂ ବ୍ରଦରହୁଡ ସଂଖ୍ୟାଗରିଷ୍ଠତାବାଦୀ ଉଗ୍ର ଦୃଷ୍ଟିଭଙ୍ଗୀରେ ବିଶ୍ୱାସ କରୁଥିବା ସଙ୍ଗଠନ ଅଟନ୍ତି । ସେମାନଙ୍କର ସେହି ସଂଖ୍ୟାଗରିଷ୍ଠତାବାଦୀ ଦୃଷ୍ଟିଭଙ୍ଗୀର ଉତ୍ସ ହେଉଛି – ଅଭଙ୍ଗା ଧର୍ମୀୟ ତତ୍ତ୍ୱ । ଉଭୟେ ଅତୀତକୁ ଅତି ଗାରିମାମୟ ବୋଲି ଚିତ୍ରଣ କରିଥାଆନ୍ତି । ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବକୁ ଘୃଣା କରିବାରେ ଆର.ଏସ.ଏସ ଏବଂ ବ୍ରଦରହୁଡ଼ ପ୍ରତ୍ୟେକେ ଅପରର ଆଇନାର ପ୍ରତିବିମ୍ବ ଭଳି ଅଟନ୍ତି । କ୍ରିକେଟ ଖେଳର ଉଦାହରଣ ଦେବା କଥା ହେଲେ ଆର.ଏସ.ଏସ.କୁ ଜାଭେଦ ମିଆଁଦାଦଙ୍କ ସହପାଠୀ ବୋଲି ବିଚାର କରାଯାଇପାରିବ । ଭାରତ ଭ୍ରମଣରେ ଥିବା ପାକିସ୍ଥାନ ଟି–୨୦ କ୍ରିକେଟ ଟିମର କ୍ୟାପ୍‌ଟେନଙ୍କୁ ପୂର୍ବତନ ପାକିସ୍ଥାନୀ କ୍ରିକେଟ୍ ଖେଳାଳୀ ଜାଭେଦ୍ ମିଆଁଦାଦ 'ଦେଶଦ୍ରୋହୀ' ବୋଲି କହିଛନ୍ତି । କାରଣ ଆଫ୍ରିଦି କହିଲେ ଭାରତରେ ପାକିସ୍ଥାନର କ୍ରିକେଟ ଖେଳାଳୀଙ୍କୁ ଅନେକେ ଭଲ ପାଆନ୍ତି । ତାଙ୍କର ଏପରି କଥା ପାଇଁ ପାକିସ୍ଥାନରେ ତାଙ୍କ ବିରୋଧରେ ଦେଶଦ୍ରୋହୀ ମାମଲା ରୁଜୁ ହୋଇଛି । ଏହା ହେଉଛି ସଂଖ୍ୟାଗରିଷ୍ଠତାବାଦୀ ଉଗ୍ର ଜାତୀୟତାବାଦୀ ରାଜନୀତି ଏବଂ ଭାରତରେ ଆର.ଏସ.ଏସ. ସେହିପରି ରାଜନୀତି କରିବାକୁ ଚେଷ୍ଟା କରୁଛି। ବିଭିନ୍ନତାବହୁଳ ହିନ୍ଦୁ ସମାଜ ଏବଂ ସଂଖ୍ୟାଲଘୁମାନଙ୍କୁ ଆର.ଏସ.ଏସ. ସେମାନଙ୍କର ଗୋଟିଏ ରଙ୍ଗ ବିଶିଷ୍ଟ ହିନ୍ଦୁତ୍ୱ ତତ୍ତ୍ୱକୁ ଘୋଷେଇବାକୁ ଚାହେଁ । ସେହି ହିନ୍ଦୁତ୍ୱ ତତ୍ତ୍ୱ ଯୋଗୁଁ ଆର.ଏସ.ଏସ. ନାକରେ ସବୁ କଥାରେ ଦେଶଦ୍ରୋହର ଗନ୍ଧ ପଶି ଯାଉଛି । ଜେ.ଏନ.ୟୁ.ରେ ସେହି କଥା ରହିଛି । ତେଣୁ ଦୁଇଟି ଭିନ୍ନ ଭିନ୍ନ ବିଶ୍ୱବିଦ୍ୟାଳୟର ଘଟଣା ହୋଇଥିଲେ ମଧ୍ୟ କହ୍ନେୟା କୁମାରଙ୍କୁ 'ଦେଶଦ୍ରୋହ' ଅଭିଯୋଗରେ ଗିରଫ୍ କରାଯିବା ଏବଂ ରୋହିତ ଭେମୁଲାଙ୍କ ପାଇଁ ଆତ୍ମହତ୍ୟା କଲା ଭଳି ପରିସ୍ଥିତି ସୃଷ୍ଟି କରିବା – ଏହି ଦୁଇଟି ଯାକ ଘଟଣାର ଉତ୍ସ ଗୋଟିଏ । ସେହି ଘଟଣା ଦୁଇଟିର ଉତ୍ସ ହେଉଛି ଆର.ଏସ.ଏସ.ର ଦୃଷ୍ଟିଭଙ୍ଗୀ – ହିନ୍ଦୁତ୍ୱବାଦୀ ତତ୍ତ୍ୱ ।

ଆର.ଏସ.ଏସ.ର ନିଜର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ସେମାନେ ପ୍ରଚାର କରିବା ସହିତ କାହାରି ଝଗଡ଼ା ନାହିଁ । ଝଗଡ଼ା ଉଠୁଛି – ଯେତେବେଳେ ଆର.ଏସ.ଏସ. ତାର ହିନ୍ଦୁତ୍ୱ ଏଜେଣ୍ଡାକୁ ଜବରଦସ୍ତି ଅନ୍ୟ ଉପରେ ଲଦି ଦେବା ପାଇଁ ଚେଷ୍ଟା କରିବା କଥା ଉଠୁଛି ଏବଂ ଯେଉଁମାନେ ତାହା ମାନିବେ ନାହିଁ ଦେଶଦ୍ରୋହୀ ବୋଲି ଆକ୍ଷେପ କରାଯାଉଛି । ଯେଉଁମାନେ ସେହି ଦୃଷ୍ଟିଭଙ୍ଗୀକୁ ଗ୍ରହଣ କରୁନାହାଁନ୍ତି ବା ବିରୋଧ କରୁଛନ୍ତି –ତାଙ୍କୁ ଦେଶଦ୍ରୋହୀ ବୋଲି କହିବା – ଗିରଫ କରବା ବା ଆତ୍ମହତ୍ୟା କଲା ଭଳି ପରିସ୍ଥିତି ସେମାନଙ୍କ ପାଇଁ ସୃଷ୍ଟି କରିବାଟା ହେଉଛି –ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ । ଉପରୋକ୍ତ ଦୁଇଟି ଯାକ ବିଶ୍ୱବିଦ୍ୟାଳୟରେ ଯେଉଁ ଘଟଣା ଘଟିଲା ତାହା ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାତନ୍ତ୍ର୍ୟ ଏବଂ ଉନ୍ନତମାନର ଅବସ୍ଥାନ ପ୍ରତି ମଧ୍ୟ ବିପଦର କାରଣ ହୋଇ ଉଠିଛି । ମୋଦି ସରକାରଙ୍କ ମନ୍ତ୍ରୀମାନେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକର ବ୍ୟାପାରରେ ଅହେତୁକ ହସ୍ତକ୍ଷେପ କରୁଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କର ଇଚ୍ଛାକୃତ ନୀରବତା ତାଙ୍କର ସମ୍ପୃକ୍ତି ଓ ସହମତିରେ ଏପରି ଘଟିଲା ବୋଲି ଅଭିଯୋଗର ସତ୍ୟତାକୁ ପ୍ରତିପାଦିତ କରୁଛି ।

ଆର. ଏସ. ଏସ ଏବଂ ତାର ନିର୍ଦ୍ଦେଶ ଓ ନିୟନ୍ତ୍ରଣରେ ଥିବା ମୋଦି ସରକାର ଦେଶର ଗୌରବ ବୃଦ୍ଧି କରି ଆସିଥିବା ଉଚ୍ଚତର ଶିକ୍ଷାନୁଷ୍ଠାନଗୁଡ଼ିକୁ ତାର ହାତମୁଠାରେ ରଖିବାକୁ ଚାହେଁ । ବିଶ୍ୱବିଦ୍ୟାଳୟଗୁଡ଼ିକ କ'ଣ ମନ୍ଦିର ନା ମସ୍‌ଜିଦ୍ ? ମନ୍ଦିର ବା ମସ୍‌ଜିଦ୍ ପରି ଧର୍ମପୀଠ ଗୁଡ଼ିକରେ କେବଳ ଗୀତା, ଭାଗବତ ବା କୋରାନ୍ ପଢ଼ାଯାଇଥାଏ । ବିଶ୍ୱ ବିଦ୍ୟାଳୟଗୁଡ଼ିକ ସେପରି ଧର୍ମାନୁଷ୍ଠାନ ନୁହଁନ୍ତି ଯେ, ସେ ଗୁଡ଼ିକର କେବଳ ଗୋଟିଏ ଘୋଷା ଚାଲିବ ।

ଅବଶିଷ୍ଟାଂଶ ୧୦ ପୃଷ୍ଠାରେ

*Printed & Published by* ***Golak Bihari Maharaj****, C/o. - LICI , D.O. , Cuttack - 1 for Bima Karmachari*
*at Bani Press , Cuttack - 8 , Editor -* ***Santosh Kumar Mohapatra, Mob. : 9437208762, E-mail :skmohapatra67@gmail.com***